


## ସଂକ୍ଷେପରେ

### ୨୬ ବର୍ଷ ପରେ ପୁଣି ଏକାଠି

ମାର୍ଶାଘାଇ,୧୦।୩(ଡିଏନଏ) ମାର୍ଶାଘାଇ ବ୍ଲକ ଆୟତପୁର ଗାନ୍ଧିଜୀ ଉଚ୍ଚ ବିଦ୍ୟାପୀଠରେ ୧୯୯୩ ମସିହା ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରମାନଙ୍କ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ୨୬ ବର୍ଷ ପରେ ଛାତ୍ରୀଛାତ୍ରମାନେ ଏକାଠି ହୋଇ ସ୍କୁଲ ଜୀବନର ସ୍ମୃତି ସାଉଁଟି ଥିଲେ । ଲୁଣା-କରାଣ୍ଡିଆ ନଦୀ ଘେରା ଏହି ତ୍ରିକୋଣଭୂମି ଅଞ୍ଚଳରେ ପ୍ରତିବର୍ଷ ବର୍ଷାଦିନରେ ବନ୍ୟା ଆସିଲେ ବିଦ୍ୟାଳୟ ପାଣିଘେରରେ ରହିଯାଏ ଓ ପାଠପଢ଼ା ବନ୍ଦ ରୁହେ ବୋଲି ଛାତ୍ରୀଛାତ୍ରମାନେ କହି ପରସ୍ପର ମଧ୍ୟରେ ଭାବ ବିନିମୟ କରିଥିଲେ। ପୁରାତନ ଛାତ୍ର ଦେବେନ୍ଦ୍ର କୁମାର ନାୟକଙ୍କ ଆବାହକତ୍ୱରେ ସମସ୍ତେ ଏକାଠି ହୋଇ ପାରିଥିବାରୁ ବହୁତ ଖୁସି ବ୍ୟକ୍ତ କରିଥିଲେ । ଏହି ଉତ୍ସବରେ ପୁରାତନ ଛାତ୍ର ଶ୍ରୀନିବାସ ପ୍ରଧାନ, ପ୍ରଶାନ୍ତ ଜେନା, ଚୈତନ୍ୟ ଦାସ, ମନୋଜ ଜେନା, ବିଶ୍ୱଜିତ୍ ଦାସ, ପୁରାତନ ଛାତ୍ରୀ ଜୟଶ୍ରୀ ଚୌଧୁରୀ, ସସ୍ମିତା ଜେନା,ସ୍ୱର୍ଣ୍ଣଲତା ସାମଲ ପ୍ରମୁଖ ଯୋଗଦେଇ ମୋ ବିଦ୍ୟାଳୟ ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏହି ଅବସରରେ ପୁରାତନ ଛାତ୍ରୀଛାତ୍ରମାନେ ପ୍ରତିବର୍ଷ ବନ୍ଧୁମିଳନ ଆୟୋଜନ କରିବା ସହିତ ବିଦ୍ୟାଳୟର ଉନ୍ନତି ପାଇଁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ନିମାଇଁ ରଥ, ଶିକ୍ଷକ ଘନଶ୍ୟାମ ମହାନ୍ତି, ବିଜୟ ଜେନା, ମନୋରଞ୍ଜନ ବେହେରା, ସଞ୍ଜୀବ ନାୟକ ପ୍ରମୁଖ ଯୋଗଦେଇ ଅଧ୍ୟୟନ ଶେଷ କରିଥିବା ପୁରାତନ ଛାତ୍ରୀଛାତ୍ରମାନେ ଆଗାମୀ ପୀଢ଼ିକୁ ସଫଳତାର ମାର୍ଗ ଦେଖାଇବାକୁ ପରାମର୍ଶ ଦେଇଥିଲେ । ନଦୀନାଳ ଘେରା ଅଞ୍ଚଳରେ ପ୍ରତିଷ୍ଠିତ ଗାନ୍ଧିଜୀ ଉଚ୍ଚବିଦ୍ୟାପୀଠର ବିକାଶ କରିବାରେ ପୁରାତନ ଛାତ୍ରୀଛାତ୍ରମାନଙ୍କର ସହଯୋଗ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନଶିକ୍ଷକ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଆପଦ ସାମଲ, ଗଗନବିହାରୀ ଦାସ, ଗିରିଧାରୀ ନାୟକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ୪ ଲକ୍ଷ ୫୧ ହଜାର ଅଲିଭ୍ ରିଡଲେଙ୍କ ସମୂହ ଅଣ୍ଡାଦାନ

ରାଜନଗର, ୧୦।୩(ଡିଏନଏ)

ରାଜନଗର ବ୍ଲକ ଭିତରକନିକା ସଂଲଗ୍ନ କଇଁଛ ତୀର୍ଥସ୍ଥଳୀ ଗହୀରମଥାରେ ଚଳିତବର୍ଷ ୪ ଲକ୍ଷ ୫୧ ହଜାର ଅଲିଭ ରିଡଲେ କଇଁଛ ଗଣଅଣ୍ଡାଦାନ କରିଛନ୍ତି । ଏହି ପ୍ରକ୍ରିୟା ଫେବୃୟାରୀ ୨୬ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୫ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଗଣଅଣ୍ଡାଦାନ ପ୍ରକ୍ରିୟା ଶେଷ ହୋଇଥିଲେ ମଧ୍ୟ ବିକ୍ଷିପ୍ତ ଭାବେ ଅଲିଭ ରିଡଲେଙ୍କ ଅଣ୍ଡାଦାନ ଜାରି ରହିଛି । ରବିବାର ସୁଦ୍ଧା ବିକ୍ଷିପ୍ତ ଭାବେ ୫ ହଜାରରୁ ଊର୍ଦ୍ଧ୍ୱ କଇଁଛ ଅଣ୍ଡାଦାନ କରିଥିବା ବନବିଭାଗ ସୂତ୍ରରୁ ଜଣାପଡିଛି।

ଗତ ଅକ୍ଟୋବର ମାସରୁ ଅଲିଭରିଡଲେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଭିଡ ଜମାଇଥିଲେ। ମାଆ କଇଁଛମାନେ ସମୂହ ଅଣ୍ଡାଦାନ ପାଇଁ ବେଳାଭୂମି ମୁହାଁ ହୋଇଥିଲେ। ଫେବୃୟାରୀ ପ୍ରଥମ ସପ୍ତାହରୁ ଅଲିଭରିଡଲେ ବିକ୍ଷିପ୍ତ ଭାବେ ଅଣ୍ଡାଦାନ କରି ଚାଲିଥିଲେ। ସେହି ମାସ ୨୬ ରୁ ଗଣଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଗହୀରମଥାର ନାସୀ–୨ ବେଳାଭୂମିରେ ୮ ଦିନରେ ୪ ଲକ୍ଷ ୫୦ ହଜାର ୯୪୯ ଅଲିଭରିଡଲେ ଗଣଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ବନବିଭାଗ ଟିମ୍ ବାବୁବାଲି ଓ ଅଗନରାସୀଠାରେ ରହି ପରିସ୍ଥିତି ଉପରେ ନଜର ରଖିଛନ୍ତି ।

ସୂଚନାଯୋଗ୍ୟ ଯେ, ଓଡିଶାର ଗହୀରମଥା ଓ ଋଷିକୂଲ୍ୟା ମୁହାଣରେ ଏହି ବିରଳ ଅଲିଭରିଡ୍‌ଲେ କଇଁଛମାନେ ଗଣଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଥାନ୍ତି । ୧୯୭୫ ମସିହାରୁ ଗହୀରମଥା ଉପକୂଳରେ ୧୦ କି.ମି. ବାଲୁକା ଶଯ୍ୟାରେ ଏହି ବିରଳ କଇଁଛମାନଙ୍କ ପ୍ରଥମ ଗଣଅଣ୍ଡାଦାନ ପ୍ରକ୍ରିୟା ଦୃଷ୍ଟି ଗୋଚର ହୋଇଥିଲା। ସେହିଦିନ ଠାରୁ ଅଲିଭ ରିଡ୍‌ଲେଙ୍କ ଆଗମନ, ମିଳନ ଓ ଅଣ୍ଡାଦାନ ଉପରେ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ନଜର ରହିଛି। ୧୯୯୭ ମସିହା ସେପ୍ଟେମ୍ବର ୨୭ ତାରିଖରେ ରାଜ୍ୟ ସରକାର ଗହୀରମଥାକୁ ପ୍ରଥମ ସାମୁଦ୍ରିକ ଅଭୟାରଣ୍ୟ ଘୋଷଣା କରିଥିଲେ । ଏହି କାରଣରୁ ଗହୀରମଥା ସମୁଦ୍ର ଉପକୂଳ ଠାରୁ ୨୦ କି.ମି. ଯାଏଁ ଟ୍ରଲର ସାହାଯ୍ୟରେ ମାଛଧରାକୁ ସଂପୂର୍ଣ୍ଣ ନିଷେଧ କରାଯାଇଛି। ଏଥିସହିତ ପ୍ରତିବର୍ଷ ନଭେମ୍ବର ୧ ତାରିଖ ଠାରୁ ମେ ୩୧ ତାରିଖ ଯାଏଁ ଦୀର୍ଘ ୭ ମାସ ଧରି ଧାମରା ମୁହାଣ ଠାରୁ ଦେବୀ ମୁହାଣ ପର୍ଯ୍ୟନ୍ତ ଦୀର୍ଘ ୧୨୦ କିଲୋମିଟର ଉପକୂଳରେ ମାଛ ଧରା ଉପରେ ବନବିଭାଗ ପକ୍ଷରୁ କଟକଣା ଜାରି କରାଯାଇଛି।

## ସେଣ୍ଟ୍ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ



ଉତ୍ସବ ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ପଟ୍ଟାମୁଣ୍ଡାଇ,୧୦।୩ (ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ପଞ୍ଚାୟତ ବନ୍ତୋ ସ୍ଥିତ ସେଣ୍ଟ ଜାଭିୟର ସ୍କୁଲର ଚତୁର୍ଥ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ଦାସ ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ । ଏଥିରେ ପଟ୍ଟାମୁଣ୍ଡାଇ କଲେଜ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଦେବବ୍ରତ ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇ ମାଆ ନିଜର କର୍ତ୍ତବ୍ୟ ପ୍ରତି ସଚେତନ ରହିଲେ ପିଲାମାନେ ପରବର୍ତ୍ତୀ ସମୟରେ ଜଣେ ଉତ୍ତମ ନାଗରିକ ହୋଇପାରିବେ ବୋଲି ମତ ରଖିଥିଲେ । ମୁଖ୍ୟବକ୍ତା ଭାବେ ବିଆରସିସି ପ୍ରଦୀପ କୁମାର ସାମନ୍ତରାୟ, ସିଆରସିସି ଅକ୍ଷୟ କୁମାର ଜେନା, ଶିକ୍ଷାବିତ୍ ରଘୁନାଥ ସାହୁ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ସେଣ୍ଟ ଜାଭିୟର ହାଇସ୍କୁଲର ପ୍ରତିଷ୍ଠାତା ବ୍ରଜକିଶୋର ପାଗଳ ସ୍ୱାଗତ ଭାଷଣ ଦେଇଥିଲେ । ଅଧ୍ୟକ୍ଷା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷାବିତ୍ ମୁରଲୀଧର ବେହେରା ଉତ୍ସବରେ ସଂଯୋଜନା କରିଥିଲେ । ଗୀତାଞ୍ଜଳୀ ସେନାପତି, ସରିତା ପରିଡା, ସୁରେଖା ରାଉଳ, ବର୍ଷା ରାଉତ, ମୋନାଲିସା ରାଉତ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଗୁରୁମା ରୀନାରାଣୀ ମହାପାତ୍ର ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ହାଇସ୍କୁଲର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ମହୁଲିଆ ପଞ୍ଚାୟତରେ ବିଜେଡି ୱାର୍ଡ କମିଟି ଗଠିତ

ରାଜନଗର,୧୦।୩(ଡିଏନଏ)

ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତରେ ବିଜୁ ଜନତା ଦଳର ପଞ୍ଚାୟତସ୍ତରୀୟ ୱାର୍ଡ କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ବିଜେଡି ସଭାପତି ଆଦିକନ୍ଦ ଦାସ ସଭାପତିତ୍ୱ କରିଥିଲେ । ବୈଠକରେ କେନ୍ଦ୍ରାପଡା ଜିଲା ବିଜେଡି ସଭାପତି ଧ୍ରୁବ ସାହୁ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସଂପର୍କରେ ଘରକୁ ଘର ବୁଲି ଲୋକଙ୍କୁ ଅବଗତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହିତ ଆଗାମୀ ସାଧାରଣ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିଲା। ଏହି ବୈଠକରେ ସୁରେନ୍ଦ୍ର ପ୍ରସାଦ ରାଉତ, ସମିତିସଭ୍ୟ ପ୍ରଶାନ୍ତ କୁମାର ରାଉତ, ମହୁଲିଆ ପଞ୍ଚାୟତ ସରପଞ୍ଚ ଏମ. ଦାସ, ପୂର୍ବତନ ସମିତିସଭ୍ୟ ନରେନ୍ଦ୍ର ରାଉତ, ରାଜନଗର ବିଜେଡି ମିଡିଆ ଆବାହକ ନିରଞ୍ଜନ ଶତପଥୀ, ବରିଷ୍ଠନେତା ବୈକୁଣ୍ଠ ବିହାରୀ ରାଉତ, ବାବାଜୀ ପ୍ରଧାନ, ମହିଳା ବିଜେଡି ସୋସିଆଲ ମିଡିଆ ସଂଯୋଜିକା କବିତା ସାମଲ ପ୍ରମୁଖ ଯୋଗ ଦେଇଥିଲେ।

## ବଡ଼ଗରା ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଶେଷ ନେଇ ସନ୍ଦେହ



ଅଧାପନ୍ତରିଆ ଗୃହ।

ପଟ୍ଟାମୁଣ୍ଡାଇ, ୧୦।୩ (ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ବ୍ଲକ ବିଲିକଣା ପଞ୍ଚାୟତ ଅଧୀନ ବଡଗରା ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଶେଷ ନେଇ ସନ୍ଦେହ ଦେଖାଦେଇଛି । ୨୦୧୫ ମସିହାରୁ ଏହି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏବେ ଅର୍ଥ ଅଭାବରୁ ଶେଷ ହେବାରେ ସମସ୍ୟା ଉପୁଜିଥିବା କୁହାଯାଉଛି ।

ପ୍ରକାଶ ଯେ, ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣାଧୀନ ବଡଗରା ଅଙ୍ଗନୱାଡି କେନ୍ଦ୍ରର ଛାତ ପଡି ସାରିଥିଲା ବେଳେ ୪ ଲକ୍ଷ ୩୫ ହଜାର ବ୍ୟୟ ହୋଇସାରିଛି । ଝରକା କବାଟ, ଚଟାଣ, ଘର ପ୍ଲାଷ୍ଟର ଓ ରଙ୍ଗ ଆଦି କାର୍ଯ୍ୟ ବାକି ରହିଛି । ଫଳରେ ୩ ବର୍ଷ ହେଲା ଅଙ୍ଗନୱାଡି କେନ୍ଦ୍ରରେ କୁନିକୁନି ପିଲା ପଢିବାକୁ ସୁଯୋଗ ପାଉନାହାନ୍ତି। ଏହି କେନ୍ଦ୍ର ଶେଷ ହେବା ପାଇଁ ଆଉ ୨ଲକ୍ଷ ଟଙ୍କା ଆବଶ୍ୟକ ଥିବା ବେଳେ କେଉଁ ଫଣ୍ଡରୁ ଟଙ୍କା ଆସିବ ସେ ନେଇ ବ୍ଲକ କର୍ତ୍ତୃପକ୍ଷ ଦ୍ୱନ୍ଦ୍ୱରେ ପଡି ଯାଇଛନ୍ତି । ବ୍ଲକ ସହକାରୀ ଯନ୍ତ୍ରୀ ସୁରେଶ ଚନ୍ଦ୍ର ବେହେରାଙ୍କ ନାମରେ କାର୍ଯ୍ୟାଦେଶ ଥିଲା ବେଳେ ପୂର୍ବତନ ସରପଞ୍ଚଙ୍କ ଜଣେ ସମ୍ପର୍କୀୟ ଏହାର ନିର୍ମାଣ କାର୍ଯ୍ୟ ତୁଲାଉ ଥିଲେ । ଅଟକଳ ଅନୁଯାୟୀ ସବୁ ଅଙ୍ଗନୱାଡି କେନ୍ଦ୍ରର ନିର୍ମାଣ ଶେଷ ହୋଇଥିବା ବେଳେ ବଡଗରା ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କାର୍ଯ୍ୟ କିପରି ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ ସେନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି । ଆସନ୍ତା ତିନି ମାସ ମଧ୍ୟରେ ଅଙ୍ଗନୱାଡ଼ି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରା ନ ଗଲେ ବ୍ଲକ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଗ୍ରାମବାସୀ ଚେତାଇ ଦେଇଛନ୍ତି।

## କଂଗ୍ରେସ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ

ରାଜନଗର,୧୦।୩ (ଡିଏନଏ)

ରାଜନଗର ବ୍ଲକ ବ୍ରାହ୍ମଣସାହି ପଞ୍ଚାୟତର ସୁନ୍ଦରୀପାଳ ଠାରେ କଂଗ୍ରେସ କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ଦାମୋଦର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏହି କର୍ମୀ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଆସନ୍ତା ସାଧାରଣ ନିର୍ବାଚନରେ ପୁନର୍ବାର କଂଗ୍ରେସକୁ ଜିତାଇବା ପାଇଁ କର୍ମୀମାନେ ସଂକଳ୍ପ ନେଇଥିଲେ। ଏହି ସମ୍ମିଳନୀରେ ବିଧାୟକ ଅଂଶୁମାନ ମହାନ୍ତିଙ୍କ ସହିତ ଜିଲା କଂଗ୍ରେସ ଉପସଭାପତି ଚୌଧୁରୀ ରବିନ୍ଦ୍ର କୁମାର ରାଉତରାୟ, ୩୦ ନଂ ଜୋନ ସଭାପତି ଅଶୋକ କୁମାର ବଳ, ୩୧ ନଂ ଜୋନ ସଭାପତି ଦେବେନ୍ଦ୍ର କୁମାର ଜେନା, ଭୀମସେନ ପରିଡା ପ୍ରମୁଖ ଯୋଗଦେଇଥିଲେ। ଏହି କର୍ମୀ ସମ୍ମିଳନୀରେ ବିଧାୟକଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ବିଜୁ ଜନତା ଦଳ ଛାଡି ଗୌତମ ବେହେରା, ଦିବାକର ସ୍ୱାଇଁ, ପ୍ରେମାନନ୍ଦ ପରିଡା, ଗୟାଧର ପଢ଼ିହାରୀ, ରତିକାନ୍ତ ଜେନା ପ୍ରମୁଖ କଂଗ୍ରେସରେ ଯୋଗ ଦେଇଥିଲେ। ବିଧାୟକ ମହାନ୍ତି ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ।

### ଶ୍ରୀମଦ୍ ବାୟାବାବାଙ୍କ ପ୍ରାଦେଶିକ ଭକ୍ତ ସମ୍ମିଳନୀ ଦ୍ୱିତୀୟ ସନ୍ଧ୍ୟା

## ଭାଗବତ ପଠନ ଉପରେ ଗୁରୁତ୍ୱ



ଧର୍ମସଭାରେ ଉପସ୍ଥିତ ସାଧୁସନ୍ଥମାନେ।

ରାଜନଗର, ୧୦।୩ (ଡିଏନଏ)

ରାଜନଗର ବ୍ଲକ କେରଡାଗଡ ଠାରେ ନାମାଚାର୍ଯ୍ୟ ଶ୍ରୀମଦ ବାୟାବାବାଙ୍କ ପ୍ରାଦେଶିକ ଭକ୍ତ ସମ୍ମିଳନୀ ଆଧ୍ୟାତ୍ମିକ ପରିବେଶରେ ଆରମ୍ଭ ହୋଇଛି। ରବିବାର ଦ୍ୱିତୀୟ ସନ୍ଧ୍ୟାରେ ବାବାଜୀ ଭକ୍ତିଚୈତନ୍ୟ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଧର୍ମସଭାରେ ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ ଯୋଗଦେଇ କହିଥିଲେ ଯେ, ବାୟାବାବା ସର୍ବଦା ଭାଗବତ ପଠନ କରିବା ସହିତ ଆତ୍ମଚିନ୍ତନରେ ଭଗବତ ଦିବ୍ୟ ଭାବନାକୁ ପରିପ୍ରକାଶ କରିବା ପାଇଁ ଉପଦେଶ ଦେଇ ଆସୁଥିଲେ। ପରମଶାସ୍ତ୍ର ଭାଗବତ ଓଡିଆଙ୍କ ପ୍ରାଣ ବୋଲି ବାୟାବାବା କହୁଥିଲେ। ଏଣୁ ଆଜିର ପଥଭ୍ରଷ୍ଟ ମଣିଷ ବାୟାବାବାଙ୍କ ବାଣୀରେ ଅନୁପ୍ରାଣିତ ହେବା ଜରୁରୀ ବୋଲି ସେ ପରାମର୍ଶ ଦେଇଥିଲେ। ଏହି ଧର୍ମସଭାରେ ପ୍ରବକ୍ତା ନିରଞ୍ଜନ ତ୍ରିପାଠୀ, ପଣ୍ଡିତ କାଶୀନାଥ ଦାସ, କୃଷ୍ଣ ପ୍ରେମାନନ୍ଦ ସରସ୍ୱତୀ ମହାରାଜ, ଡ. ସୁରଥ ବିଶ୍ୱାସ ପ୍ରମୁଖ ପ୍ରବଚନ ମାଧ୍ୟମରେ ବାୟାବାବାଙ୍କ ଜୀବନ ଆଦର୍ଶ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଆଞ୍ଚଳିକ ଭକ୍ତ ଗୋଷ୍ଠୀମାନଙ୍କ ଦ୍ୱାରା ଭକ୍ତିସଙ୍ଗୀତ ପରିବେଷଣ କରାଯାଇଥିଲା। ଅପରାହ୍ନ ଅଧିବେଶନରେ ଶ୍ରୀ ଶ୍ରୀ କଳ୍ପତରୁ ସଚ୍ଚିଦାନନ୍ଦ ଟ୍ରଷ୍ଟର ସଂପାଦକ ଭକ୍ତିଚୈତନ୍ୟ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ହୃଷିକେଶ ବାବାଜୀ ମହାରାଜ, ଡ. ଶ୍ରୀକାନ୍ତ ଦାସ, ମନୋରଞ୍ଜନ ମହାପାତ୍ର, ବାବାଜୀ ଜଗବନ୍ଧୁ ଦାସ ପ୍ରମୁଖ ପ୍ରବଚନ ଦେଇଥିଲେ। ୨୨ ମୌଜା ସମେତ ଆଖପାଖ ଅଞ୍ଚଳର ୨୦ରୁ ଊର୍ଦ୍ଧ୍ୱ ନାମ ସଂକୀର୍ତ୍ତନ ଦଳ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ରବିବାର ପ୍ରାୟ ୨୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଏହି କାର୍ଯ୍ୟକ୍ରମକୁ କୈଳାସ ପରିଡା, କୈଳାସ ମହାନ୍ତି, ଅରୁଣ କୁମାର ରାଉତ, ଗଣେଶ୍ୱର ନାୟକ ପ୍ରମୁଖ ପରିଚାଳନା କରୁଛନ୍ତି।

# ମହିଳା ମହାସମାବେଶର ଏପାଖ ସେପାଖ

କେନ୍ଦ୍ରାପଡ଼ା ଅଫିସ୍, ୧୦।୩

କେନ୍ଦ୍ରାପଡା ବ୍ଲକ ବାରୁଆ ପଞ୍ଚାୟତର ସିଦ୍ଧ ମଠ ପଡିଆଠାରେ ରବିବାର ଆୟୋଜିତ ମିଶନ ଶକ୍ତି ମହା ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଯୋଗୁ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। ଏହି ଅବସରରେ ବିଜେଡି ଲୋକ ସଭା ନିର୍ବାଚନ ପାଇଁ ୩୩ ପ୍ରତିଶତ ମହିଳା ପ୍ରାର୍ଥୀ ଦେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

### ନିଖୋଜ ଥିଲେ ୩୦ରୁ ଊର୍ଦ୍ଧ୍ୱ ଶିଶୁ

ସମାବେଶରେ ଲକ୍ଷାଧିକ ମହିଳା ସାମିଲ ହୋଇଥିଲେ। ଯାତାୟାତ ସମୟରେ ପ୍ରବଳ ଠେଲାପେଲା ହୋଇଥିଲା। ଫଳରେ ସମାବେଶ ସ୍ଥଳରେ ନାନା ସମସ୍ୟା ଉପୁଜିବା ସହ ସମାବେଶ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ୩୦ରୁ ଊର୍ଦ୍ଧ୍ୱ ଶିଶୁ ନିଖୋଜ ହୋଇଥିଲେ। ବାରମ୍ବାର ମାଇକରେ ପ୍ରଚାର ହେବା ପରେ ପରିବାର ଲୋକେ ସେମାନଙ୍କୁ ପାଇଥିଲେ।

### ଯାତ୍ରୀ ପରିବହନ ବ୍ୟବସ୍ଥା ଠପ୍

ସମାବେଶ ସ୍ଥଳକୁ ଯାତାୟାତ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଗାଡି ବ୍ୟବସ୍ଥା ହୋଇଥିଲା। ଯାଜପୁର, କଟକ ଓ କେନ୍ଦ୍ରାପଡା ଆରଟିଓଙ୍କୁ ଗାଡି ଯୋଗାଇବାକୁ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହି ସମାବେଶରେ ରାଜ୍ୟର ବହୁ ଜିଲାର ଗାଡ଼ି ଏଥିରେ ସାମିଲ ହୋଇଥିଲା। ଫଳରେ କେନ୍ଦ୍ରାପଡା ଜିଲା ସମେତ ବିଭିନ୍ନ ଜିଲାରେ ଯାତ୍ରୀ ପରିବହନ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଥିବା ଚର୍ଚ୍ଚା ହେଉଛି।

### ଗାଡି ନ ମିଳିବାରୁ ରାସ୍ତାରୋକୋ

ସମାବେଶ ସ୍ଥଳକୁ ଆସିବା ପାଇଁ ପ୍ରଶାସନ ପକ୍ଷରୁ ଛୋଟବଡ ଗାଡିର ବ୍ୟବସ୍ଥା ହୋଇଥିଲା। ସିଡିପିଓ ମହିଳାଙ୍କ ନେବା ଆଣିବା ଦାୟିତ୍ୱରେ ରହିଥିଲେ। ତେବେ କେନ୍ଦ୍ରାପଡା ବ୍ଲକ ଧୂମାତରେ କୌଣସି ଗାଡି ପୂର୍ବାହ୍ନ ୧୧ଟା ସୁଦ୍ଧା ପହଞ୍ଚି ନ ଥିଲା। ଫଳରେ ଧୂମାତ ଗ୍ରାମର ବାବା ଆଖଣ୍ଡଳମଣି ଏସଏଚ୍‌ଜି, ଶିବାନୀ ଏସଏଚ୍‌ଜି, ମା' ସରସ୍ୱତୀ ଏସଏଚ୍‌ଜି, ମା'ମଙ୍ଗଳା ଏସଏଚ୍‌ଜି ଶତାଧିକ ମହିଳା ଇନ୍ଦୁପୁର ପଟ୍ଟାମୁଣ୍ଡାଇ ରାସ୍ତାର ଧୂମାତ ଶାସନ ଛକରେ ନଡ଼ା ଜାଳି ରାସ୍ତାରୋକୋ କରିଥିଲେ। ୨ ଘଣ୍ଟା ଧରି ଚାଲିଥିବା ଏହି ରାସ୍ତାରୋକୋ ପୋଲିସ ପ୍ରଶାସନର ବୁଝାଶୁଝା ପରେ ହଟିଥିଲା।

### ମଞ୍ଚ ତଳେ ବସିଲେ ରାଜନେତା

ସମାବେଶ ମଞ୍ଚରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୌଣସି ରାଜନେତାଙ୍କୁ ଦେଖିବାକୁ ମିଳି ନଥିଲା। ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଏମ୍‌ପି ପ୍ରତାପ କେଶରୀ ଦେବ, ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡ଼ା ବିଧାୟକ କିଶୋର ଚନ୍ଦ୍ର ତରାଇ, ରାଜ୍ୟ ବିଜେଡି ମହିଳା ସଭାନେତ୍ରୀ ମିନତି ବେହେରା, ଜିଲା ବିଜେଡି ସଭାପତି ଧ୍ରୁବ ସାହୁ, କାର୍ଯ୍ୟକାରୀ ସଭାପତି ଦୁର୍ଗାଶିଷ ମହାନ୍ତି, ରାଜ୍ୟ ବିଜେଡି ସମ୍ପାଦକ ପ୍ରମୋଦ ସାହୁ, କେନ୍ଦ୍ରାପଡ଼ା ଜିଲା ଯୁବ ବିଜେଡି ସଭାପତି ରାଜେଶ ପଣ୍ଡା, ଜିଲା ମହିଳା ବିଜେଡି ସଭାନେତ୍ରୀ ସ୍ନେହପ୍ରଭା ତ୍ରିପାଠୀ, ଏମ୍‌ପି ଅନୁଭବ ମହାନ୍ତି ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ରାଜେଶ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେହିପରି କେନ୍ଦ୍ରାପଡ଼ା ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ଡେରାବିଶ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁଙ୍କ ସମେତ ଜିଲା ଅଧ୍ୟକ୍ଷା ଅଧ୍ୟକ୍ଷ ଯୋଗ ଦେଇଥିଲେ। ସମସ୍ତ ରାଜନେତା ମଞ୍ଚ ତଳେ ବସିଥିବା ଦେଖାଯାଇଥିଲା।

### ବହୁ ପ୍ରଶାସନିକ ଅଧିକାରୀ ସାମିଲ



ସମାବେଶରେ ମହିଳାମାନେ।



ମଞ୍ଚରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ମହିଳାମାନେ।

ସୁରକ୍ଷା ବ୍ୟବସ୍ଥା ପାଇଁ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ନେତୃତ୍ୱରେ ଏସ୍‌ପି ନୀତିଶେଖର ଓ ଜିଲା ପୋଲିସ ନିୟୋଜିତ ହୋଇଥିଲେ। ସେହିପରି ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ ଓ ରାଜ୍ୟର ବହୁ ପ୍ରଶାସନିକ ଅଧିକାରୀ ସମାବେଶରେ ଯୋଗ ଦେଇଥିଲେ। ଜିଲାପାଳ ଦାଶରଥି ଶତପଥୀ, ଏଡିଏମ୍ ବସନ୍ତ କୁମାର ରାଉତ, ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ର ସମାବେଶର ପ୍ରତ୍ୟେକ ଦିଗକୁ ସମୀକ୍ଷା କରୁଥିଲେ।

### ସିଡିପିଓଙ୍କ ନାଁରେ ଥାନାରେ ଅଭିଯୋଗ

ସମାବେଶରେ ସାମିଲ ହୋଇଥିବା ସମସ୍ତ ସିଡିପିଓଙ୍କ ବିରୋଧରେ ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ କାନନବାଳା ଦାସ ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ସିଡିପିଓମାନେ ଏସଏଚ୍‌ଜିର ମହିଳା ସଦସ୍ୟଙ୍କୁ ଧମକ ଦେଇ ସମାବେଶକୁ ଆଣିଛନ୍ତି। ସମାବେଶରେ ସାମିଲ ନ ହେଲେ ଗ୍ରୁପକୁ ଟଙ୍କା ମିଳିବ ନାହିଁ ବୋଲି ସିଡିପିଓମାନେ କହିଥିବା ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।

### ଚେତା ହରାଇଥିବା ଯୁବତୀ ମୃତ ଆଲୋଚନା

ସମାବେଶ ସ୍ଥଳରେ ଜଣେ ଯୁବତୀ ଚେତା ହରାଇଥିଲେ। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଆଲୋଚନା ହେଉଛି। ରିପୋର୍ଟ ଲେଖା ପର୍ଯ୍ୟନ୍ତ ଯୁବତୀଙ୍କ ପରିଚୟ ମିଳିପାରି ନାହିଁ।

### ୪୫ ମିନିଟ ପାଇଁ ୪୫ କୋଟି ଖର୍ଚ୍ଚ

ସମାବେଶ ପାଇଁ ଜୋରଦାର ପ୍ରସ୍ତୁତି ଜୋରଦାର କରାଯାଇଥିଲା। ଟେଣ୍ଟଠାରୁ ଆରମ୍ଭ କରି କିଟ ପର୍ଯ୍ୟନ୍ତ ପ୍ରାୟ ୪୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଆକଳନ କରାଯାଇଛି। ଏହି ସମାବେଶ ମାତ୍ର ୪୫ ମିନିଟ୍‌ରେ ସରିଥିବାରୁ ୪୫ ମିନିଟ ପାଇଁ ୪୫ କୋଟି ଖର୍ଚ୍ଚ ହୋଇଥିବା ଆଲୋଚନାର ବିଷୟବସ୍ତୁ ପାଲଟିଛି।

## ସଂକ୍ଷେପରେ

### ଶନିମନ୍ଦିର ପ୍ରତିଷ୍ଠା ଉତ୍ସବ

ତିର୍ତ୍ତୋଲ, ୧୦।୩ (ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ଇଚ୍ଛିସିଂ ପଞ୍ଚାୟତ ବଡିଲୋ-କୋଟପୁର ଠାରେ ଶନିମନ୍ଦିର ପ୍ରତିଷ୍ଠା ଓ ମା'ଗଜଲକ୍ଷ୍ମୀଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ରବିବାର ଆରମ୍ଭ ହୋଇଛି। ଏଥିନିମନ୍ତେ ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ମଣ୍ଡଳ ସ୍ଥାପନ, ଯଜ୍ଞ ଇତ୍ୟାଦି କାର୍ଯ୍ୟକ୍ରମ ହୋଇଛି। ସ୍ଥାନୀୟ ବଡିଲୋ, ସିଳନ୍ଦି, ବରବାରୀ, କୋଟପୁର, ଖଦୋଳ, ବନ୍ଧମୁଣ୍ଡି, ଉରାଳି, ସାନିଲୋ, ଇଚ୍ଛିସିଂ ପ୍ରଭୃତି ଗ୍ରାମର ଜନସାଧାରଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ୫ ଦିନଧରି ଏହି ପ୍ରତିଷ୍ଠା ଉତ୍ସବ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଥିବା ମନ୍ଦିର ପ୍ରତିଷ୍ଠା କମିଟି ତରଫରୁ ସୂଚନା ମିଳିଛି।

### ପୁରାତନ ଛାତ୍ରଙ୍କ ବନ୍ଧୁ ମିଳନ

ବାଲିକୁଦା,୧୦।୩(ସ୍ୱ.ପ୍ର.): ବାଲିକୁଦା ବ୍ଲକ ବଡଗାଁ ପଞ୍ଚାୟତ ଅନନ୍ତ ଗାଦିବ୍ରହ୍ମ ବିଦ୍ୟାପୀଠର ୧୯୮୪ ମାଟ୍ରିକ ବ୍ୟାଚ୍‌ର ଏକ ବନ୍ଧୁ ମିଳନ ଉତ୍ସବ ମା' କରକେଇଙ୍କ ପବିତ୍ର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପ୍ରମୋଦ ଶତପଥୀଙ୍କ ଅଧ୍ୟକ୍ଷତାରେ ଏକ ସଭା କରାଯାଇଥିଲା। ହରିଶ୍ଚନ୍ଦ୍ର ଶତପଥୀଙ୍କ ପ୍ରସ୍ତାବକ୍ରମେ ଦିବଂଗତ ଛାତ୍ରବନ୍ଧୁ ଜଟାଧରୀ ସାହୁ, ଲିଳାବତୀ ବିଶ୍ୱାଳ, ଦିବଂଗତ ଶିକ୍ଷକ ପଣ୍ଡିତ ନଗେନ୍ଦ୍ରନାଥ ଶତପଥି ଓ ପୁଲ୍‌ୱାମା ଆତଙ୍କୀ ଅକ୍ରମଣରେ ଶହୀଦ ବୀର ଯବାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଏକ କାର୍ଯ୍ୟକାରୀ ସମିତି ଗଠନ କରାଯାଇଥିଲା। ଏଥିରେ ହରିଶ୍ଚନ୍ଦ୍ର ଶତପଥୀ, ରାମଚନ୍ଦ୍ର ମହାନ୍ତି, ଲୁନା ପଟ୍ଟନାୟକ, ବୀଣାପାଣି ପରିଡା, ପ୍ରମୋଦ ଶତପଥୀ, ଜିତେନ୍ଦ୍ର ନାୟକ, ଆଶିଷ ରାଉତ, ଶଙ୍କର ଲେଙ୍କା, ନରେନ୍ଦ୍ର ପରିଡା, ଦେବେନ୍ଦ୍ର ସାମନ୍ତରାୟ, ପ୍ରଶାନ୍ତ ନାୟକ, ନବଘନ ମୁଦୁଲି, ମମତା ଲେଙ୍କା, ତୃପ୍ତି ବାରିକ, କଲ୍ୟାଣୀ ଲେଙ୍କା, ଦାମୋଦର ମହାନ୍ତି, ବୃନ୍ଦାବନ ଦାସ ପ୍ରମୁଖ ସଭ୍ୟ ହୋଇଥିଲେ। ଶଙ୍କର ଚରଣ ଲେଙ୍କା ଧନ୍ୟବାଦ ଦେଇଥିଲେ।

### ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବୈଠକ

କୁଜଙ୍ଗ,୧୦।୩(ସ୍ୱ.ପ୍ର): କୁଜଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ସଂଘର ସହ ଜିଲା କାର୍ଯ୍ୟାବହ ମଳୟ କୁମାର ଲେଙ୍କାଙ୍କ ପୌରୋହିତ୍ୟରେ ହୋଇଥିବା ଏହି ବୈଠକରେ କ୍ଷେତ୍ର ପ୍ରଚାରକ ରାମଚନ୍ଦ୍ର ସ୍ୱାଇଁ ଯୋଗଦେଇ ଉପସ୍ଥିତ ସ୍ୱୟଂସେବକମାନଙ୍କୁ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଏଥିସହ ଦେଶର ସଂସ୍କୃତି, ରାଷ୍ଟ୍ରର ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ। ଜିଲା ସମ୍ପର୍କ ପ୍ରମୁଖ ତାପସ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳ ସାରିରୀକ ପ୍ରମୁଖ ରମାକାନ୍ତ ସାହୁ, କୃଷ୍ଣ ମାଝୀ, ସ୍ନେହାଶିଷ ଦାସ, ସଚ୍ଚିକାନ୍ତ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମତଦାନରେ ସ୍ୱଚ୍ଛତା ଆଣିବ ଭିଭିପାଟ

ବାଲିକୁଦା,୧୦।୩(ସ୍ୱ.ପ୍ର.): ବାଲିକୁଦା ବ୍ଲକ ସଭାଗୃହରେ ରବିବାର ଇଭିଏମ ଓ ଭିଭିପାଟ ମେସିନ ପରିଚାଳନା ସମ୍ପର୍କିତ ଏକ ସ୍ୱତନ୍ତ୍ର କର୍ମଶାଳା ହୋଇଛି। ଏହା ଦୁଇଟି ପର୍ଯ୍ୟାୟରେ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ସରପଞ୍ଚ ଓ ସମିତି ସଭ୍ୟ ଓ ଦ୍ୱିତୀୟ ପର୍ଯ୍ୟାୟରେ ବିଭିନ୍ନ ଗଣମାଧମର ପ୍ରତିନିଧିଙ୍କୁ ଏହି ମେଶିନ ବ୍ୟବହାର ସମ୍ପର୍କରେ କୁହାଯାଇଥିଲା। ବିଡିଓ କଲ୍ୟାଣୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାହୁ, ଉପାଧ୍ୟକ୍ଷ ରାଖାଲ ଚନ୍ଦ୍ର ଦାସ, ତହସିଲଦାର ଦୀପ୍ତିରେଖା ପାତ୍ର, ଏବିଡିଓ ଅଜୟ ବେହେରା ପ୍ରମୁଖ ମତଦାନରେ ଭିଭିପାଟ ଅଧିକ ସ୍ୱଚ୍ଛତା ଆଣିବ ବୋଲି କହିଥିଲେ।

■ ପାରାଦୀପ ଏସାର ଷ୍ଟିଲ୍ ଇଣ୍ଡିଆ ଲିମିଟେଡ୍

# ସଂଘର୍ଷରୁ ଆରମ୍ଭ, ସଫଳତାବେଳକୁ ବଦଳି

ପାରାଦୀପ, ୧୦।୩(ସ୍ୱ.ପ୍ର.)

ପାରାଦୀପରେ ଥିବା ୧୫ ବୃହତ ଶିଳ୍ପ ସଂସ୍ଥା ମଧ୍ୟରୁ ଏସାରଷ୍ଟିଲ ଇଣ୍ଡିଆ ଲିମିଟେଡ୍ ଅନ୍ୟତମ। ଉକ୍ତ କମ୍ପାନୀ ପାରାଦୀପରେ ଷ୍ଟିଲ ଓ ପେଲେଟ କରିବା ପାଇଁ ୨୦୦୫ରେ ଓଡ଼ିଶା ଆସିଥିଲା। ୨୦୦୬ ସେପ୍ଟେମ୍ବର ୧୪ରେ କମ୍ପାନୀ ଜଙ୍ଗଲ ପରିବେଶ ଅନୁମୋଦନ କରିବା ସହ ଜମି ଅଧିଗ୍ରହଣ କାମ ଆରମ୍ଭ କରିଥିଲା। ୧୮୯୪ ଏକର ଜମି ନେବାପାଇଁ ୨୦୦୭ ମାର୍ଚ୍ଚରେ ଜିଲା ପ୍ରଶାସନ ପକ୍ଷରୁ ୪(୧)ରେ ଅନୁମତି ପ୍ରଦାନ କରାଯାଇଥିଲା। ପ୍ରଥମେ ରାଜ୍ୟ ସରକାରଙ୍କ ୧୦୩ ଏକର ଜମିରେ କମ୍ପାନୀ କାମ ଆରମ୍ଭ କରିଥିଲା। ଏଥିସହ ଜମି ଅଧିଗ୍ରହଣ ଜାରି ରହିଥିଲା। ଏ ପର୍ଯ୍ୟନ୍ତ ମଧ୍ୟ ଜମି ଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଛି। ସେହିପରି ଜମିହରାଙ୍କୁ ଏ ପର୍ଯ୍ୟନ୍ତ କ୍ଷତିପୂରଣ ମଧ୍ୟ ମିଳିନାହିଁ। ଏହାକୁ ନେଇ ପ୍ରତିବର୍ଷ ବିରୋଧ, ଧାରଣା, ପ୍ରତିବାଦ ପ୍ରତିବର୍ଷ ଲାଗିରହିଛି। ଏହା ମଧ୍ୟରେ କମ୍ପାନୀ ୨୦୦୯ରୁ ଉତ୍ପାଦନ ଆରମ୍ଭ କରିଛି। ଏଭଳି ସ୍ଥିତିରେ ଏବେ କମ୍ପାନୀ ଦେବାଳିଆ ଅବସ୍ଥା ପାଇଁ ଗତ ୨ଦିନ ତଳେ ବିକ୍ରି ହୋଇଯାଇଛି। ଏହି କମ୍ପାନୀକୁ ଆର୍ସେଲର ମିତ୍ତଲ ନେବାପାଇଁ ସରକାର, କୋର୍ଟ ଓ ବ୍ୟାଙ୍କର୍ସଙ୍କ ସ୍ୱୀକୃତି ପାଇଛି। କିନ୍ତୁ କମ୍ପାନୀ ଅଧିଗ୍ରହଣ ପ୍ରକ୍ରିୟା କିଛି ହୋଇନାହିଁ। ଏହା ସମୟ ସାପେକ୍ଷ ବୋଲି କୁହାଯାଉଛି। ଏସାରଷ୍ଟିଲ କମ୍ପାନୀର କର୍ମଚାରୀ ଓ ଏଥିରେ ସମ୍ପୃକ୍ତ ଠିକାସଂସ୍ଥା, ବ୍ୟବସାୟୀ, ଟ୍ରେଡ୍ ୟୁନିୟନ ଏବଂ ଅନ୍ୟ କମ୍ପାନୀ ମଧ୍ୟରେ ଏବେ ଉକ୍ତ ପ୍ରସଙ୍ଗ ଆଲୋଚନାର କାରଣ ହୋଇଛି। କମ୍ପାନୀ ବହୁ ସଂଘର୍ଷରେ ଆରମ୍ଭ ହୋଇଥିଲା। ଏବେ ସଫଳତା ପାଇବାବେଳକୁ ତାହାର ମାଲିକାନା ବଦଳି ଯାଇଛି। ସୂଚନାଯୋଗ୍ୟ, ପାରାଦୀପରେ ଏସାର ଷ୍ଟିଲ କମ୍ପାନୀର ୩ଟି ପ୍ରକଳ୍ପ ରହିଛି। ସେଗୁଡ଼ିକ ମଧ୍ୟରେ ଏସାର ଷ୍ଟିଲ, ଏସାର ପ୍ରୋଜେକ୍ଟ ଓ ଏସାର ପାୱାର। ଷ୍ଟିଲ ବିକ୍ରି ହେଲାପରେ ଅନ୍ୟ ୨ଟି ଶୀଘ୍ର ବିକ୍ରି ହେବ ବୋଲି କୁହାଯାଉଛି। ୬୫୦୦କୋଟି ଟଙ୍କାର ପୁଞ୍ଜୀ ଓ ବାର୍ଷିକ ୬ ମିଲିୟନ ଟନ୍ ଉତ୍ପାଦନ କ୍ଷମତା ଥିବା ଏହି କମ୍ପାନୀ ଆରମ୍ଭରୁ ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇଥିଲା। ଯେଉଁ ୧୮୯୪ ଏକର ଜମି ନେବ ବୋଲି ୪(୧) ଲାଗୁ କରିଛି ସେ ସେବୁ ୩ଟି ରାଜସ୍ୱ ଗ୍ରାମରେ ରହିଛି। ଯଥା: ନୂଆଗଡ଼, ଉଦୟବଟ ଓ ବିଜୟଚନ୍ଦ୍ରପୁର ଚାଷୀଙ୍କର ଏହି ଜମି। ୨୦୦୯/୧୦ରେ ଚାଷୀ ଜମିର


ପାରାଦୀପରେ ଥିବା ଏସାର ଷ୍ଟିଲ୍ କାରଖାନା।

ମୂଲ୍ୟ ଏକର ପିଛା ୨୫ ଲକ୍ଷ ଟଙ୍କା ଦାବିକରି ଆନ୍ଦୋଳନ କରିଥିଲେ। ସେତେବେଳେ କମ୍ପାନୀ ଓ ରାଜ୍ୟ ସରକାର ଏକର ପିଛା ୧୯ଲକ୍ଷ ୧୦ ହଜାର ଟଙ୍କା ସ୍ଥିର କରିଥିଲେ। ସେହି ମୂଲ୍ୟର ସମ୍ପୂର୍ଣ୍ଣ ଅର୍ଥ କମ୍ପାନୀ ଜିଲା ପ୍ରଶାସନ ନିକଟରେ ଦାଖଲ କରିଥିବା କମ୍ପାନୀ କର୍ତ୍ତୃପକ୍ଷ କହୁଛନ୍ତି। କିନ୍ତୁ କେତେକ ବିବାଦ ପାଇଁ ଏବେ ସୁଦ୍ଧା ୨୦ ପ୍ରତିଶତ ଅର୍ଥ ଜମିହରାଙ୍କୁ ମିଳି ପାରିନାହିଁ ବୋଲି କୃଷକନେତା ଭଗବାନ ସ୍ୱାଇଁ କହିଛନ୍ତି।

ଏହା ମଧ୍ୟରେ ୨୦୧୩/୧୪ ଆର୍ଥିକ ବର୍ଷ ସୁଦ୍ଧା କମ୍ପାନୀର ଉତ୍ପାଦନ ବାର୍ଷିକ ୪.୫ ମିଲିୟନ ଟନ ପର୍ଯ୍ୟନ୍ତ ଯାଇଥିଲା। ଏଭଳି ସ୍ଥିତିରେ କମ୍ପାନୀ ବିକ୍ରି ହେବା ଶିଳ୍ପ ନୀତିକୁ ଶକ୍ତ ଧକ୍କା ସଦୃଶ ହୋଇଛି। ଉକ୍ତ କମ୍ପାନୀ କଞ୍ଚାମାଲ ପାଇଁ ଦାବୁନାଠାରେ ମାଇନ୍ସ ନେଇଛି। ସେହି ମାଇନ୍ସକୁ ପରିବର୍ତ୍ତନ କରିବା ପାଇଁ ଦାବୁନାରୁ ପାରୀଦପ ପର୍ଯ୍ୟନ୍ତ ମାଟିତଳେ ୨୫୪ କିମି ପାଇପ୍ ଲାଇନ୍ ବିଛାଯାଇଛି। ସେହି ପଣ୍ୟକୁ ପାଣିରେ ମିଶାଇ ପରିବହନ କରାଯାଏ। ପାରାଦୀପ ବନ୍ଦର ବାଟେ ପଣ୍ୟ କାରବାର ପାଇଁ କମ୍ପାନୀ ଏକ ବର୍ଥକୁ ୩୬ ବର୍ଷ ପାଇଁ ଲିଜ୍ ନେଇଛି। କମ୍ପାନୀଠାରୁ ବନ୍ଦର ବର୍ଥ ପର୍ଯ୍ୟନ୍ତ ୯ କି.ମି.ର ଏକ କନ୍‌ଭେୟର ବେଲ୍ଟ କରାଯାଇଛି। ଏମିତି ଅନେକ ଦୀର୍ଘ ମିଆଦି ପ୍ରକଳ୍ପର ମାଲିକାନା ବଦଳିଯିବ। ଏପରି କି ପାରାଦପରେ ଗଢ଼ି ଉଠିଥିବା ଅନେକ ଶିଳ୍ପ ସଂସ୍ଥାର ମାଲିକାନା ବଦଳିଛି। ବର୍ତ୍ତମାନର ଇଫ୍‌କୋ ସାର କାରଖାନାକୁ ୧୯୯୮ରେ ଓସୱାଲ କମ୍ପାନୀ କରିଥିଲା। ୨୦୦୫ ଅକ୍ଟୋବରରେ ତାହାକୁ ଇଫ୍‌କୋ ନେଇଛି। ସେହିପରି ଖାଇବା ତେଲ କାରଖାନାକୁ ପ୍ରଥମେ କାର୍ଗିଲ ଇଣ୍ଡିଆ କରିଥିଲା। ୨୦୧୮ରେ ତାହାକୁ ଆଦାନୀ ୱାଲିମାର କମ୍ପାନୀ କିଣିଛି। ମନିହର ଗ୍ରୁପ୍ ଦ୍ୱାରା ପରିଚାଳିତ ଗୋଆକାର୍ବନକୁ ଡେମ୍ପୋ କମ୍ପାନୀ କିଣିଛି। ସେହିପରି ସରକାରୀ ଉଦ୍ୟୋଗରେ ନିର୍ମିତ ପିପିଏଲ ସାରକାରଖାନାକୁ ଏବେ ଆଡ୍‌ଭେଣ୍ଟେଜ୍ କମ୍ପାନୀ ନେଇଛି। ଏବେର ତୈଳବିଶୋଧନାଗାର ନାମ ଆରମ୍ଭରେ ପୂର୍ବ ଭାରତ ତୈଳ ବିଶୋଧନାଗାର ଥିଲା। ପାରାଦୀପ ବନ୍ଦରକୁ ୧୯୬୦ ଦଶକରେ ରାଜ୍ୟ ସରକାର ପାରାଦୀପ ପୋର୍ଟ ପ୍ରୋଜେକ୍ଟ ନାଁରେ ଆରମ୍ଭ କରିଥିଲେ। ସେହିପରି ବିଅର ଫ୍ୟାକ୍ଟରି ନାମ ବଦଳି ସବ୍ ମିଲର ହୋଇଛି। ପାରାଦୀପରେ ଯେତେ ଶିଳ୍ପ ଅଛି ତାହାକୁ ଯେଉଁମାନେ ଆରମ୍ଭ କରିଥିଲେ ସେମାନେ ଏବେ ରଖିନାହାନ୍ତି। ସେହି ଧାରାରେ ଏବେ ଏସାରଷ୍ଟିଲ କମ୍ପାନୀ ସାମିଲ ହୋଇଛି।

## ମତଦାନରେ ସ୍ୱଚ୍ଛତାକୁ ଗୁରୁତ୍ୱ

କୁଜଙ୍ଗ,୧୦।୩(ସ୍ୱ.ପ୍ର.)

କୁଜଙ୍ଗ ବ୍ଲକ ପକ୍ଷରୁ କୁଜଙ୍ଗ ସୂଚନା ଭବନ ପରିସରରେ ଇଭିଏମ୍ ଭିଭିପାଟ ମେସିନର କାର୍ଯ୍ୟକାରିତା ବିଷୟରେ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। କୁଜଙ୍ଗ ବ୍ଲକ ଜିପିଓ ସତ୍ୟଜିତ ସ୍ୱାଇଁଙ୍କ ପୌରହିତ୍ୟରେ ଏହି ସଚେତନତା ଶିବିର ଦୁଇଟି ପର୍ଯ୍ୟାୟରେ ହୋଇଥିଲା। କାର୍ଯ୍ୟକ୍ରମରେ କୁଜଙ୍ଗ ବିଡିଓ କିଶୋରଚନ୍ଦ୍ର ସ୍ୱାଇଁ ଯୋଗଦେଇ ନିର୍ବାଚନରେ ସ୍ୱଛତା ଓ ପ୍ରଯୁକ୍ତି ବିଦ୍ୟାର ଏହି ସୁନ୍ଦର ଉପଯୋଗକୁ କିପରି ସାଧାରଣ ଜନତା ହୃଦୟଙ୍ଗମ କରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଏକ ମକ୍ ପୁଲିଂ କରାଯାଇ ଚଳିତ ନର୍ବିାଚନରେ ଜଣେ ଭୋଟର କିପରି ନିଜ ମତଦାନର ନକଲ ଦେଖିବା ସହ ଏହି ପ୍ରକ୍ରିୟାରେ ସ୍ୱଛତାର ସମସ୍ତ ଦିଗ ରହିଛି ତାହା ଜାଣିବ ସେ ସମ୍ପର୍କରେ କୁହାଯାଇଥିଲା। ସାଇଲୋ ସରପଞ୍ଚ ରୋଜାଲିନ୍ ମହାପାତ୍ର, ତାଳପଡ଼ା ସରପଞ୍ଚ ମମତା ସାହୁ, ବିଣିତୋ ସରପଞ୍ଚ ସଞ୍ଜୟ ଷଡଙ୍ଗୀ, ଅଗପାଳ ସରପଞ୍ଚ ମେନକା ବେହେରା, ଭୂତମୁଣ୍ଡାଇ ସମିତିସଭ୍ୟ ସାରଦା ପ୍ରସନ୍ନ ଦାସଙ୍କ ସହ କୁଜଙ୍ଗ ପ୍ରେସ୍ କ୍ଲବ୍‌ର ସମ୍ପାଦକ ଦୁଷନ୍ତ ମାଝୀ, ରଶ୍ମୀରଞ୍ଜନ ମହାପାତ୍ର ପ୍ରମୁଖ ବିଭିନ୍ନ ଗଣମାଧମ ପ୍ରତିନିଧି ଯୋଗ ଦେଇଥିଲେ।

## ମନୋଜ ମେମୋରିଆଲ କ୍ରିକେଟ : ଧନୀପୁର ଚାମ୍ପିୟନ

ବିରିଡ଼ି, ୧୦।୩(ଡି.ଏନ.ଏ)

ବିରିଡ଼ି ବ୍ଲକ ଅଡଙ୍ଗମଜୁରାଇ ଲଗାନ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୭ମ ବାର୍ଷିକ ମନୋଜ ମେମାରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏହାକୁ ଅଡଙ୍ଗମଜୁରାଇ ନାଏବ ସରପଞ୍ଚ ଦେବେନ୍ଦ୍ର ଭୋଇ ଉଦ୍‌ଘାଟନ କରିଥିଲେ। ଏଥିରେ ବିଭିନ୍ନ ଅଞ୍ଚଳର ୮ ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ଡିଜେ ଟିମ ଅଡଙ୍ଗ ମଜୁରାଇ ଓ ଧନୀପୁର କ୍ରିକେଟ ଟିମ ମଧ୍ୟରେ ହୋଇଥିଲା। ଡିଜେ କ୍ରିକେଟ ଟିମ୍ ଟସ୍ ଜିଣି ଫିଲଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ଧନୀପୁର ଟିମ ବ୍ୟାଟିଂ କରି ନିର୍ଦ୍ଧାରିତ ୭ ଓଭରରେ ୮୫ ରନ ସଂଗ୍ରହ କରିଥିଲା। ଜବାବରେ ଡିଜେ ଟିମ୍ ନିର୍ଦ୍ଧାରିତ ୭ ଓଭରରେ ସମସ୍ତ ଉଇକେଟ ହରାଇ ୩୩ ରନ କରି ପରାଜିତ ହୋଇଥିଲା। ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ପୂର୍ବତନ ଯୁବ କଂଗ୍ରେସ ସଭାପତି ଦେବୀ ପ୍ରସାଦ ତ୍ରିପାଠୀ ମୁଖ୍ୟ ଅତିଥି, ଅଡଙ୍ଗଗଡ଼ ସରପଞ୍ଚ ଅଶୋକ ଜେନା, ଜୋନ-୧ ସଭାପତି ସୀତାଂଶୁ ଶେଖର ରାୟ ସମ୍ମାନିତ ଭାବେ ଯୋଗ ଚାମ୍ପିୟନ ଦଳକୁ ୨ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ରନର୍ସ ଅପ ଟିମକୁ ରନର୍ସକପ ସହ ୧ ହଜାର ୫ ଶହ ଟଙ୍କା ପ୍ରଦାନ କରାଯାଇଥିଲା। ଫଜଲ ଏଲାଇ ମ୍ୟାନ ଅଫ ଦି ମ୍ୟାଚ ଓ ଶୁଭ୍ରଜିତ ପାତ୍ର ମ୍ୟାନ ଅଫ ଦି ସିରିଜ ହୋଇଥିବାବେଳେ ସିରାଜ ଖାନ ଓ ଦେବେନ୍ଦ୍ର ଭୋଇ ଅମ୍ପାୟର ଭାବେ ଖେଳ ପରିଚାଳନା କରିଥିଲେ। ଲଗାନ କ୍ଲବର ସିରଜ ଖାନ, ସେଖ ସାବେର ଉଲଙ୍କ ସହିତ କ୍ଲବର ସମସ୍ତ ସଭ୍ୟ ସହଯୋଗ କରିଥିଲେ।


ଚାମ୍ପିୟନ ଦଳକୁ ଅତିଥି ପୁରସ୍କୃତ କରୁଛନ୍ତି।

## ମଙ୍ଗୁଲି ମଠର ବାର୍ଷିକ ଉତ୍ସବ

ବିରିଡି,୧୦।୩(ଡି.ଏନ.ଏ)

ପ୍ରେମାଚାର୍ଯ୍ୟ ବାବା ମଧୁସୁଦନଙ୍କ କର୍ମକ୍ଷେତ୍ର ମଙ୍ଗୁଲି ଶାଖା ମଠର ବାର୍ଷିକ ଉତ୍ସବ ଓ ଚତୁର୍ଥ ପ୍ରହର ନାମଯଜ୍ଞ ଶୁକ୍ରବାର ଆରମ୍ଭ ହୋଇ ଶନିବାର ଶେଷ ହୋଇଛି। ମଙ୍ଗୁଲି ଗ୍ରାମବାସୀ ଓ ଗୁରୁଭାଇମାନଙ୍କ ଦ୍ୱାରା ଆୟୋଜିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ନାମଯଜ୍ଞ ସହ ଗୁରୁପୂଜା ଓ ଧର୍ମ ଆଲୋଚନା କରାଯାଇଥିଲା। ପ୍ରାଚିକ୍ଷେତ୍ର ଆଶ୍ରମର ମୁଖ୍ୟ ବାବା ଦାମୋଦର ଦାସଙ୍କ ପୌରୋହିତ୍ୟରେ ମା' ସବିତା ଦାସ, ମା' ବିନୋଦିନୀ, ଗୁରୁଭାଇ ବାବା ଦିବାକର ଦାସ, ମା' ଅହଲ୍ୟା ଦାସ, ମା' ସସ୍ମିତା ଦାସ, ଭୁବନେଶ୍ୱରର ଚିତ୍ତ ବିନୋଦ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରଦ୍ଧା, ପ୍ରେମ, ଭକ୍ତିର ସୂତ୍ରରେ ଅନ୍ୟମାନଙ୍କୁ ବାନ୍ଧିବା ପାଇଁ ବାବା ମଧୁସୁଦନ ଜନ୍ମଗ୍ରହଣ କରିଥିଲେ। ସମାଜରୁ ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର କରିବା ପାଇଁ ସେ ପ୍ରୟାସ କରିଥିଲେ ବୋଲି ବକ୍ତାମାନେ କହିଥିଲେ। ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଓ ଜନସାଧାରଣ ଉପସ୍ଥିତ ଥିଲେ।

## ସିଆଇଏସ୍ଏଫ୍‌ର ସୁବର୍ଣ୍ଣ ଜୟନ୍ତୀ ସମାରୋହ


ଉତ୍ସବରେ ଉପସ୍ଥିତ ସିଆଇଏସ୍ଏଫ୍‌ର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ।

ପାରାଦୀପ, ୧୦।୩(ସ୍ୱ.ପ୍ର.)

ସିଆଇଏସ୍ଏଫ୍‌ର ୫୦ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ବୁଧବାର ସୁବର୍ଣ୍ଣ ଜୟନ୍ତୀ ସମାରୋହ ବୁଧବାର ପାଳିତ ହୋଇଛି। ପାରାଦୀପର ଦୁଇଟି ସ୍ଥାନରେ ଏହା ପାଳିତ ହୋଇଥିଲା। ତୈଳ ବିଶୋଧନାଗାର ପ୍ରକଳ୍ପରେ ଥିବା ସିଆଇଏସ୍ଏଫ୍ ୟୁନିଟ୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଶୋଧନାଗାର ନିର୍ବାହୀ ନିର୍ଦ୍ଦେଶକ ଟି.ଡି.ଭି.ଏସ୍. ଗୋପାଳକ୍ରିଷ୍ଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସିଆଇଏସ୍ଏଫ୍ ପ୍ରତିଷ୍ଠା ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ସେ ଆଲୋଚନା କରିଥିଲେ। ସିଆଇଏସ୍ଏଫ୍ ଶିଳ୍ପ ସୁରକ୍ଷା ସହ ପ୍ରାକୃତିକ ବିପର୍ଯ୍ୟୟ ଓ ଜରୁରୀକାଳୀନ ପରିସ୍ଥିତିରେ କିପରି ଭୂମିକା ନିଭାଉଛି, ସେ ସମ୍ପର୍କରେ କମାଣ୍ଡାଣ୍ଟ ମୁକେଶ କୁମାର କହିଥିଲେ। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଏସ୍.ବି. ମିଶ୍ରଙ୍କ ସମେତ ଅନ୍ୟ ଯବାନମାନେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ସିଆଇଏସଏଫ୍ ଯବାନଙ୍କ ପରିବାର, ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ପାରାଦୀପ ବନ୍ଦର ସିଆଇଏସ୍ଏଫ କମ୍ପ୍ଲେକ୍ସରେ ୫୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

## ଭାଜପାର ସଂକଳ୍ପ ପଦଯାତ୍ରା ପ୍ରସ୍ତୁତି


ବୈଠକରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

ବାଲିଆ,୧୦।୩

ବିରିଡି ବ୍ଲକ ହାଜିପୁର ମଣ୍ଡଳ ଭାଜପାର ତରଫରୁ ସଂକଳ୍ପ ପଦଯାତ୍ରା ପାଇଁ ରବିବାର ଅଲାଣ୍ଡୋ ଜାଗୁଳାଇ ପୀଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ହାଜିପୁର ମଣ୍ଡଳ ସଭାପତି ଶିଶିର କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ବରିଷ୍ଠ ଭାଜପା ନେତା ହରିହର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ପଦଯାତ୍ରାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସାଧାରଣ ସମ୍ପାଦକ ବିଜୟ ପାଇକରାୟ, କୃଷକ ମୋର୍ଚ୍ଚା ସଭାପତି ସୁଦର୍ଶନ ପଣ୍ଡା, ବନ ବିହାରି ଜେନା, ପ୍ରଦୀପ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପଦଯାତ୍ରାରେ ଗାଁକୁ ଗାଁ ଯାଇ କେନ୍ଦ୍ର ସରକାର ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବାକୁ ଏଥିରେ କୁହାଯାଇଥିଲା। ଏଥିସହ ଓଡିଶାରେ ଭାଜପାକୁ ସରକାର ଗଢିବା ନିମନ୍ତେ ସୁଯୋଗ ଦେବାକୁ ଜନସାଧାରଣଙ୍କୁ ବୁଝାଇବା ନିମନ୍ତେ କୁହାଯାଇଥିଲା।

## ଇଭିଏମ, ଭିଭିପାଟ ସଚେତନତା କାର୍ଯ୍ୟକ୍ରମ

ତିର୍ତ୍ତୋଲ, ୧୦।୩(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ରବିବାର ଇଭିଏମ ଓ ଭିଭିପାଟ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ପର୍ଯ୍ୟାୟରେ ଗଣମାଧ୍ୟମ ପ୍ରତିନିଧି, ଲୋକପ୍ରତିନିଧି ଏବଂ ସାଧାରଣ ନାଗରିକଙ୍କୁ ଭୋଟଦାନ ପାଇଁ ଇଭିଏମ ଓ ଭିଭିପାଟର ବ୍ୟବହାର ନିମନ୍ତେ ଡେମୋ ଦେଖାଯାଇଥିଲା। ଜଗତସିଂହପୁର ଜିଲାପରିଷଦ ଅଧ୍ୟକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷା ସୁଜାତା ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ଆଶିଷ କୁମାର ସେଠୀ, ଜିଲାପରିଷଦ ସଭ୍ୟ ପ୍ରବୀର କୁମାର ରାୟ, ବିଡିଓ ରଞ୍ଜନ କୁମାର ପରିଡା, ଜିପିଓ ସଞ୍ଜୟ ଦାସ, ସାମାଜିକ ସମ୍ପ୍ରସାରଣ ଅଧିକାରୀ ବିଜୟ କୁମାର ପାତ୍ର, ସରପଞ୍ଚ ଚିତ୍ତରଞ୍ଜନ ରଥ, ରମେଶ ଚନ୍ଦ୍ର କୁଅଁର ପ୍ରମୁଖ ଉପସ୍ଥିତ ଥିଲେ।

## ଭିଭିପାଟ ବ୍ୟବହାର କୌଶଳ ପ୍ରଦର୍ଶନ

ଏରସମା, ୧୦।୩(ସ୍ୱ.ପ୍ର.)

ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଇଭିଏମର ସଠିକ ବ୍ୟବହାର ସମ୍ପର୍କରେ ରବିବାର ଏରସମା ବ୍ଲକ ସଭାଗୃହରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ ଚେୟାରମ୍ୟାନ ପ୍ରଣବ ସ୍ୱାଇଁ, ବିଡିଓ କୈଳାସ ଚନ୍ଦ୍ର ବେହରା, ଅତିରିକ୍ତ ବିଡିଓ ବିଜୟ କେତନ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ବିଡିଓ ବେହେରା କହିଲେ ଯେ ଭୋଟ ଦେବା ପାଇଁ ଅକ୍ଷମ ହେଉଥିବା ଜଣେ ନାଗରିକଙ୍କ ଇଚ୍ଛା ଅନୁସାରେ ତାଙ୍କ ସମ୍ପର୍କୀୟ ତାଙ୍କ ପାଇଁ ଭୋଟ୍ ଦେଇପାରିବେ। ମାତ୍ର ଜଣେ ବ୍ୟକ୍ତି ୨ ଜଣଙ୍କ ଭୋଟ ଦେଇ ପାରିବେ ନାହିଁ। ଇଭିଏମ ଭୁଲ ଫଳାଫଳ ପ୍ରଦାନ କରୁଛି ବୋଲି ଯଦି କେହି ଅଭିଯୋଗ କରନ୍ତି, ତେବେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଦ୍ୱାରା ପରୀକ୍ଷା କରାଯିବ। ଯଦି ତାହା ସତ୍ୟ ବୋଲି ପ୍ରମାଣିତ ନ ହୁଏ, ତେବେ ଅଭିଯୋଗକାରୀ ୬ ମାସ ଜେଲ ଦଣ୍ଡ ଭୋଗିବା ସହିତ ୧୦୦୦ ଜରିମନା ଦେବେ। ଗର୍ଭବତୀ ମହିଳା ଭୋଟର ଧାଡିରେ ଛିଡ଼ା ନ ହୋଇ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ବୁଥ୍‌କୁ ଯାଇ ଭୋଟ୍ ଦେଇପାରିବେ। ଏହି ବ୍ଲକରେ ୧୪୪ ବୁଥ ଧାର୍ଯ୍ୟ କରାଯାଇଛି। ପିସିସି ସଦସ୍ୟ ତଥା ପଲିକଣ୍ଟା ସରପଞ୍ଚ ଧ୍ୱଜରାଜ ଖଣ୍ଡୁଆଳ, ଜପା ସରପଞ୍ଚ ତପନ ଗଛାୟତ, ଏରସମା ସରପଞ୍ଚ ଗୀତାରାଣୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଷଲ। ସଭାରେ ମନିଟର ମାଧ୍ୟମରେ ଇଭିଏମ ବ୍ୟବହାର ପ୍ରଦର୍ଶନ କରାଯିବା ପରେ ପରୀକ୍ଷା ମୂଳକ ଭାବରେ ଭୋଟ ଗ୍ରହଣ କରାଯାଇଥିଲା।


ଭିଭିପାର୍ଟ ବ୍ୟବହାର ସମ୍ପର୍କରେ ସଚେତନ କରାଯାଉଛି।

ନାଉଗାଁ,(ସ୍ୱ.ପ୍ର)

ନାଉଗାଁ ବ୍ଲକ ସମ୍ମିଳନୀ କକ୍ଷରେ ରବିବାର ଆସନ୍ତା ସାଧାରଣ ନିର୍ବାଚନରେ ବ୍ୟବହାର ହେବାକୁ ଥିବା ଇଭିଏମ୍ ଓ ଭିଭିପାଟ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନଷ୍ଠିତ ହୋଇଛି। ଏଥିରେ ବିଡିଓ ରଶ୍ମିରେଖା ମଲିକ, ତହସିଲଦାର ଜେ.କଳ୍ପନା, ଜିପିଓ ଦିନେଶ କୁମାର ରାୟ, ସହକାରୀ ଯନ୍ତ୍ରୀ ସୁଶାନ୍ତ ଜେନା, ପିଏ କୈଳାସ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାଚନ ସମୟରେ ସାଧାରଣ ଭୋଟର ଇଭିଏମ ମେଶିନ ମାଧ୍ୟମରେ ଭୋଟ ଦେବେ। ସେମାନେ ଇଭିଏମ ମେଶିନରେ ବଟମ ଦବାଇଲେ ଭିଭିପାଟରେ କେତେ ନମ୍ବର ବଟମ ଦବାଇଲେ ଓ କେଉଁ ଚିହ୍ନରେ ଭୋଟ ଦେଲେ ତାହାର ଏକ ସ୍ଲିପ ୭ ସେକେଣ୍ଡ ପାଇଁ ପ୍ରଦର୍ଶିତ ହେବ। ଯାହା ଦ୍ୱାରା ଭୋଟର ଇଭିଏମରେ ଦେଇଥିବା ଭୋଟ ଟି ଠିକ ଅଛି କି ନାହିଁ ଭିଭିପାଟ ମାଧ୍ୟମରେ ଜାଣିପାରିବେ। ପ୍ରକୃତରେ ତାହା ଠିକ୍ ଭାବେ କାର୍ଯ୍ୟ କରୁଛି କି ନାହିଁ ସେ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧି, ପଞ୍ଚାୟତ ପ୍ରତିନିଧି, ସମିତି ସଭ୍ୟ, ଓାର୍ଡ ସଭ୍ୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ପ୍ରଦର୍ଶନ କରାଯାଇଥିଲା।

ବିରିଡ଼ି,(ଡି.ଏନ.ଏ.)

ଜଗତସିଂହପୁର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଗୁହା ପୁନମ ତାପସ କୁମାରଙ୍କ ନିର୍ଦ୍ଦେଶ କ୍ରମେ ରବିବାର ବିରିଡ଼ି ବ୍ଲକ ସମ୍ମିଳନୀ କକ୍ଷରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଏବଂ ଗଣମାଧମ ପ୍ରତିନିଧିମାନଙ୍କୁ ନେଇ ଭିଭିପାଟ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମଣ୍ଡଳ ଉନ୍ନୟନ ଅଧିକାରୀ ଗିରିଜା ପ୍ରସାଦ ବାରିକ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପାୟଲ ମହାପାତ୍ରଙ୍କ ସହ ବ୍ଲକର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ବିରିଡ଼ି ପୋଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ସୁରକ୍ଷା ଯୋଗାଇ ଦିଆଯାଇଥିଲା।

## ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ଜଗତ୍ସିଂହପୁର ଅଫିସ, ୧୦।୩

ରବିବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଜଗତ୍ସିଂହପୁର ଜିଲାର ଭୋକାଞ୍ଜି-ମୁଣ୍ଡିଲୋଠାରେ ଦେବୀନଦୀ ଉପରେ ୩୧.୧୨ କୋଟି ଟଙ୍କା ବ୍ୟୟରେ ନିର୍ମିତ ହାଇଲେବଲ ପୋଲ ଶୁଭ ଉଦ୍‌ଘାଟନ କରିଛନ୍ତି। ଏଥିସହ ଦେବୀ ନଦୀର ବାମପାର୍ଶ୍ୱ ନଦୀବନ୍ଧ ମୁଗୁରାନାଳ ଠାରୁ ବନ୍ଦର ପର୍ଯ୍ୟନ୍ତ ୩୩.୭୮ କୋଟି ଟଙ୍କା ବ୍ୟୟ ଅଟକଳରେ ରାସ୍ତା ଉନ୍ନତିକରଣ ନିମନ୍ତେ ଶିଳାନ୍ୟାସ କରିଥିଲେ। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଜିଲାର ଏହି ୨ଟି ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କରିବା କଥା ଶନିବାର ନିଷ୍ପତ୍ତି ହୋଇଥିଲା। ଏହି ଅନୁଯାୟୀ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡିଆରେ ବହୁ ଲୋକଙ୍କ ସମାଗମ ପାଇଁ ପ୍ରସ୍ତୁତି ହୋଇଥିଲା। ଅପରାହ୍ନରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ା ସଭାରେ ଉପସ୍ଥିତ ରହିବା ସହ ଜିଲାର ଏହି ୨ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ଏହି ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ପଡିଆରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଚରଣ ଦାସ ଓ ଜିଲାପାଳ ଗୁହା ପୁନମ ତାପସ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବହୁ ସଂଖ୍ୟକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା, ବିଜେଡି ନେତା ଓ କର୍ମୀଙ୍କୁ ଦେଖିବାକୁ ମିଳିଥିଲା।




## ସଂକ୍ଷେପରେ

### ଛାତ୍ରୀଙ୍କ ଆତ୍ମହତ୍ୟା

ବରୀ,୧୦।୩(ସ୍ୱ.ପ୍ର.): ବରୀ ଥାନା ଅଞ୍ଚଳର ଜଣେ ଯୁକ୍ତ ୨ ଛାତ୍ରୀଙ୍କର ପ୍ରଥମ ଦିନ ସାହିତ୍ୟ ପରୀକ୍ଷା ଖରାପ ହେବାରୁ ମାନସିକ ଭାରସାମ୍ୟ ହରାଇ ବସିଥିଲେ। ରବିବାର ସକାଳେ ଘରେ ଆତ୍ମହତ୍ୟା କରିଥିବା ବରୀ ଥାନାରୁ ଜଣାପଡ଼ିଛି। ଏ ନେଇ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା (୨/୧୯) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଛାତ୍ରୀ ଜଣକ ବାଲିଆସ୍ଥିତ ଏକ କଲେଜରେ ପାଠ ପଢୁଥିଲେ। ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ବରୀ ଥାନାଧିକାରୀ ଚକ୍ରପତି କଅଁର କହିଛନ୍ତି।

### ଚାରଣ ଶାଖା ସମ୍ମିଳନୀ ଉଦ୍‌ଯାପିତ

ବିରଜାକ୍ଷେତ୍ର,୧୦।୩(ଡି.ଏନ୍.ଏ.): ଓଡ଼ିଶାର ପୁରପଲ୍ଲୀରେ ଭାଗବତ ଆନ୍ଦୋଳନ କରିବା ସହ ଶ୍ରୀଜଗନ୍ନାଥ ଚେତନାର ପ୍ରଚାର ପ୍ରସାର ମାଧ୍ୟମରେ ସାମାଜିକ ସୁସ୍ଥତା ପ୍ରତିଷ୍ଠା କରିବା ପାଇଁ ଚାରଣ ଗୋଷ୍ଠୀ ପ୍ରୟାସ କରିବା ସହ ବିଭିନ୍ନ ସ୍ଥାନରେ ଚାରଣ ସମ୍ମିଳନୀ ଅନୁଷ୍ଠିତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଯାଜପୁରଟାଉନ ଚାରଣ ଶାଖା ପକ୍ଷରୁ ଗତ ୮ ତାରିଖରୁ ଯାଜପୁର ସହରର ବଲ୍ଲଭିଘାଟ ସୁବର୍ଣ୍ଣମୁଖୀ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ଆରମ୍ଭ ହୋଇଥିବା ଚାରଣ ଶାଖା ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମଦିନ କଳସ ଶୋଭାଯାତ୍ରା ହୋଇ ଯଜ୍ଞକାମ ଆରମ୍ଭ ହେବାସହ ଭାଗବତ କଥାମୃତ ଆଲୋଚନା ହୋଇଥିଲା। ସମ୍ମିଳନୀ ସ୍ଥଳରେ ଚତୁର୍ଦ୍ଧା ମୂର୍ତ୍ତି ଶୋଭା ପାଉଛନ୍ତି। ଉଦ୍‌ଯାପନୀ ଦିବସରେ ପ୍ରାତଃରୁ ପ୍ରଭୁ ଚତୁର୍ଦ୍ଧା ମୂରତିଙ୍କ ମଙ୍ଗଳ ଆଳତି ହେବା ପରେ ଚାରଣ ଗୋଷ୍ଠୀ ପକ୍ଷରୁ ପ୍ରଭାତ ପରିକ୍ରମା ହୋଇ ଜଗନ୍ନାଥ ଚେତନାର ପ୍ରଚାର ପ୍ରସାର କରାଯାଇଥିଲା। ପୂର୍ବାହ୍ନରେ ଶିକ୍ଷା ଶିବିର ଓ ଭାଗବତ ସେବା ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ଶ୍ରୀବିଷ୍ଣୁ ସହସ୍ର ନାମ ହେବା ସହ ଅପରାହ୍ନରେ ପୂର୍ଣ୍ଣାହୁତି ପୂର୍ଣ୍ଣହୁତି ହୋଇଥିଲା। ସନ୍ଧ୍ୟାରେ ବୈତରଣୀ ନଦୀକୂଳ ଦଶାଶ୍ୱମେଧ ଘାଟରେ ଚାରଣ ଗୋଷ୍ଠୀ ପକ୍ଷରୁ ମାତା ବୈତରଣୀଙ୍କ ଆରତୀ ହୋଇଥିଲା। ଆରତି ପରେ ସମ୍ମିଳନୀ ସ୍ଥଳରେ ଭାଗବତ କଥାମୃତ ଆଲୋଚନା ହୋଇଥିଲା। ରାତିରେ କଳସ ବିସର୍ଜନ କରାଯାଇ ୭ମ ବାର୍ଷିକ ଚାରଣ ସଭା ସମ୍ମିଳନୀ ଉଦ୍‌ଯାପିତ ହୋଇଥିଲା । ଯାଜପୁର ଟାଉନ ଚାରଣ ଶାଖା ଓ ପୁରୀ ଚାରଣ ଗୋଷ୍ଠୀ ପକ୍ଷରୁ ଏହି ସମ୍ମିଳନୀ ଆୟୋଜିତ କରାଯାଇଥିଲା।

### ବିଜେଡିର ମିଶ୍ରଣ ପର୍ବ

ସିଂହପୁର,୧୦।୩(ଡି.ଏନ୍.ଏ.): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରୀ ପଞ୍ଚାୟତରେ ଶନିବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ମୁରଲୀଧର ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବିଧାୟିକା ପ୍ରମିଳା ମଲିକ, ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷ ନନ୍ଦକିଶୋର ସାମଲ, ପଞ୍ଚାୟତ ସଭାପତି ଉମାକାନ୍ତ ଦାସ, ପୂର୍ବତନ ସରପଞ୍ଚ ନନ୍ଦକିଶୋର ମଲିକ, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରମୋଦ ସାମଲ, ଯୁବନେତା କଲ୍ୟାଣୀ ଦାସ, ନିର୍ମଳା ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଜେଡି ପ୍ରତି ଆସ୍ଥା ପ୍ରକଟ କରି ସୁଦର୍ଶନ ମଲିକ, ବୀଣାକର ମଲିକ, ସଞ୍ଜୟ ମଲିକ, ସୁଶାନ୍ତ ମଲିକ, ସଲିଳ ଧଳ, କାଳନ୍ଦୀ ସେଠୀ, ଗଗନ ସେଠୀ, ଅଲେଖ ସାମଲ, ଧରିତ୍ରୀ ମଲିକ, ବ୍ରହ୍ମାନନ୍ଦ ମଲିକ, ପ୍ରମିଳା ମଲିକଙ୍କ ସମେତ ବହୁ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ନୂତନ କର୍ମୀଙ୍କୁ ବିଧାୟିକା ମଲିକ ସ୍ୱାଗତ କରିବା ସହ ବିଜେଡି ଅଧିକ ଶକ୍ତିଶାଳୀ ହେଲା ବୋଲି କହିଥିଲେ।

## ■ ଧର୍ମଶାଳା ନିର୍ବାଚନମଣ୍ଡଳୀ

# ମହଙ୍ଗା ପଡ଼ିପାରେ ନବନିର୍ମାଣ କୃଷକ ସଙ୍ଗଠନ

ରସୁଲପୁର,୧୦।୩(ଡି.ଏନ୍.ଏ.)

■ ୯ ପଞ୍ଚାୟତରେ ସଙ୍ଗଠନର ସଦସ୍ୟ ସକ୍ରିୟ

■ ଦଳ ଉପରେ ପ୍ରଭାବ ପଡ଼ିବନି କହିଲେ ଜୋନ୍ ବିଜେଡି ସଭାପତି

ସମଗ୍ର ରାଜ୍ୟରେ ନବନିର୍ମାଣ କୃଷକ ସଙ୍ଗଠନ ସକ୍ରିୟ ରହିଛି। ବିଭିନ୍ନ ଅଞ୍ଚଳରେ ଚାଷୀଙ୍କୁ ସଙ୍ଗଠିତ କରି ଏହି ସଙ୍ଗଠନ ସରକାର ବିରୋଧୀ ହାୱା ସୃଷ୍ଟି କରିବାରେ ଲାଗିଛି। ରାଜ୍ୟ ସରକାରଙ୍କ କାଳିଆ ଯୋଜନା ଏହା ଉପରେ ବିଶେଷ ପ୍ରଭାବ ପକାଇପାରିନାହିଁ। ସରକାର କୃଷକଙ୍କଠାରୁ ଗଣତାନ୍ତ୍ରିକ ଅଧିକାର ଛଡ଼ାଇ ନେଇଛନ୍ତି ଓ ପୋଲିସ ଲଗାଇ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଛନ୍ତି ବୋଲି ସଙ୍ଗଠନ ଅଭିଯୋଗ କରିଆସୁଛି। ଏଥିସହ କୃଷକଙ୍କୁ ପ୍ରାଇସ୍, ପେନସନ, ପ୍ରେଷ୍ଟିଜ୍ ପ୍ରଦାନ ଦାବିରେ ସଙ୍ଗଠନ ଅଟଳ ରହିଛି। ସଙ୍ଗଠନକୁ କଂଗ୍ରେସ ଓ ଭାଜପା ମଧ୍ୟ ସମର୍ଥନ ଜଣାଉଛନ୍ତି। ଏସବୁ ଦୃଷ୍ଟିରୁ ଦେଖିବାକୁ ଆସନ୍ତା ସାଧାରଣ ନିର୍ବାଚନରେ ଧର୍ମଶାଳା ନିର୍ବାଚନମଣ୍ଡଳୀରେ ବିଜେଡି ପାଇଁ ନବନିର୍ମାଣ କୃଷକ ସଙ୍ଗଠନ ମହଙ୍ଗା ପଡ଼ିପାରେ ବୋଲି କୁହାଯାଉଛି। ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରସୁଲପୁର ଶାଖାର ୯ ପଞ୍ଚାୟତକୁ ସଙ୍ଗଠନ ତାର ପ୍ରୟୋଗଶାଳାରେ ପରିଣତ କରିଛି। ଓଡିଶୋ ପଞ୍ଚାୟତର ମାନପୁର ଗାଁରେ ବିଶାଳ କୃଷକ ସମାବେଶରୁ ଏହା ପ୍ରମାଣିତ ହୋଇଛି। ସଙ୍ଗଠନର ପ୍ରତ୍ୟେକ ଆନ୍ଦୋଳନ ଏହି ୯ ପଞ୍ଚାୟତରେ ଜୋରଦାର ହୋଇଛି।

୧୯୯୫ରେ ରାଜ୍ୟରେ କଂଗ୍ରେସ ସରକାର ଗଢିଥିଲା। ମାତ୍ର ସେତେବେଳେ ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଭୋଟରଙ୍କ ରାୟ ଭିନ୍ନ ଥିଲା। ଏଠାରେ ଜନତାଦଳ ପ୍ରାର୍ଥୀ କଳ୍ପତରୁ ଦାସ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର କାଙ୍ଗାଳି ଚରଣ ପଣ୍ଡାଙ୍କୁ ହରାଇ ବିଜୟୀ ହୋଇଥିଲେ। ସେବେଠାରୁ ଏହି ନିର୍ବାଚନମଣ୍ଡଳୀ ଅଣକଂଗ୍ରେସ ଦୁର୍ଗରେ ପରିଣତ ହୋଇଛି। ଅର୍ଥାତ୍ ପରବର୍ତ୍ତୀ ୪ ସାଧାରଣ ନିର୍ବାଚନରେ ବିଜେଡିକୁ ସଫଳତା ମିଳିଛି। ପ୍ରତ୍ୟେକ ନିର୍ବାଚନରେ ବିଜୟ ବ୍ୟବଧାନ ମଧ୍ୟ ବଢିଛି। ଏଥିପାଇଁ ଉଭୟ ଭାଜପା ଓ କଂଗ୍ରେସକୁ ଦାୟୀ କରାଯାଉଛି। ହେଲେ ଆସନ୍ତା ନିର୍ବାଚନରେ ଫଳାଫଳ ଭିନ୍ନ ହେବାର ସମ୍ଭାବନା ରହିଛି। ୨୦୧୭ରେ ପଞ୍ଚାୟତ ନିର୍ବାଚନ ଫଳାଫଳ ବିଜେଡି ବିରୋଧରେ ଯାଇଥିଲା। ଏହି ନିର୍ବାଚନମଣ୍ଡଳୀ ଅଧୀନ ୩୪ନଂ ଜୋନରେ ବିଜେଡିର ଜିଲାପରିଷଦ ପ୍ରାର୍ଥୀଙ୍କୁ ପରାଜୟ ମୁହଁ ଦେଖିବାକୁ ପଡିଥିଲା। ଏପରିକି ଏହି ୯ ପଞ୍ଚାୟତ ( ୩୪ନଂ. ଜୋନର ୭ ଓ ନିକଟସ୍ଥ ୨) ମଧ୍ୟରୁ ୬ ପଞ୍ଚାୟତରେ ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥୀ ପରାଜିତ ହୋଇଥିଲେ। ସେହିପରି ୪ଟି ପଞ୍ଚାୟତରେ ବିଜେଡି ସମର୍ଥିତ ସମିତି ସଭ୍ୟାସଭ୍ୟ ନିର୍ବାଚନ ହାରିଥିଲେ। ପରେ ଅବଶ୍ୟ ରାଜନୈତିକ ଗୋଟି ଚଳାଇ ବିଧାୟକ ପ୍ରଣବ ବଳବନ୍ତରାୟ ସରପଞ୍ଚମାନଙ୍କୁ କୋଳେଇ ନେଇଥିଲେ। ମାତ୍ର ସାଧାରଣ ଭୋଟରଙ୍କ ସମର୍ଥନ ହାତେଇବାରେ ସେ ବିଫଳ ହୋଇଥିବା କୁହାଯାଉଛି। ଦଳ ପକ୍ଷରୁ ବିଭିନ୍ନ ସମୟରେ ଏସବୁ ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରୁ ଏହା ବାରି ହେଉଛି। ଏହା ପଛରେ ନବନିର୍ମାଣ କୃଷକ ସଙ୍ଗଠନର ଭୂମିକା ରହିଛି। ଏହି ଜୋନର ବାରବାଟୀରୁ ଶ୍ରୀବନ୍ତପୁର ପର୍ଯ୍ୟନ୍ତ ବିଭିନ୍ନ ଗାଁରେ ସଙ୍ଗଠନର ସଦସ୍ୟ ସକ୍ରିୟ ଅଛନ୍ତି। ୨୦୧୯ ଜାନୁୟାରୀ ଶେଷ ସୁଧା ଏହି ୯ ପଞ୍ଚାୟତରେ ଭୋଟର ସଂଖ୍ୟା ରହିଛି ୪୬,୪୭୨। ସେମାନଙ୍କ ମଧ୍ୟରେ ପୁରୁଷ ୨୫,୭୨୩ ଓ ମହିଳା ୨୦,୭୪୯ ଅଛନ୍ତି। ତେଣୁ ଏହି ଅଞ୍ଚଳର ଭୋଟ ଆସନ୍ତା ନିର୍ବାଚନରେ ନିର୍ଣ୍ଣାୟକ ହେବ। ଏ ସମ୍ପର୍କରେ ୩୪ ନଂ. ଜୋନ ବିଜେଡି ସଭାପତି କ୍ଷୀରୋଦ କୁମାର ସ୍ୱାଇଁ କହିଛନ୍ତି ଯେ, ଦଳ ମଜଭୁତ ସ୍ଥିତିରେ ଅଛି। ନବନିର୍ମାଣ କୃଷକ ସଙ୍ଗଠନର କୌଣସି ପ୍ରଭାବ ବିଜେଡି ଉପରେ ପଡ଼ିବ ନାହିଁ। ଅନ୍ୟପକ୍ଷରେ ରସୁଲପୁର ବ୍ଲକ ନବନିର୍ମାଣ କୃଷକ ସଙ୍ଗଠନ ସଂଯୋଜକ ମୁକୁନ୍ଦଦେବ ମହାନ୍ତି କହିଛନ୍ତି ଯେ, ରାଜ୍ୟ ସରକାର କୃଷକ ବିରୋଧୀ। କୃଷକଙ୍କୁ ରାଜଧାନୀ ମନା ମାନେ ବିଜେଡିକୁ ଭୋଟ ମନା।

## ଭାଜପାର କର୍ମୀ ସମ୍ମିଳନୀ

କାଳିଆପାଣି,୧୦।୩(ଡି.ଏନ୍.ଏ.)

ସୁକିନ୍ଦା ବ୍ଲକ ଖଣି ଅଞ୍ଚଳର ୩୭ ନଂ. ଜୋନ୍ ଭାଜପା ତରଫରୁ ରବିବାର କଲରଙ୍ଗୀଅଟା ଶିବ ମନ୍ଦିର ପ୍ରାଙ୍ଗଣରେ ଏକ କର୍ମୀ ସମ୍ମିଳନୀ ଦିନ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ନିର୍ବାଚନରେ ଭାଜପା କିଭଳି ବହୁ ସଂଖ୍ୟାରେ ମତ ପାଇପାରିବ, ସେ ନେଇ ଦଳକୁ ତୃଣମୂଳସ୍ତରରୁ ଶକ୍ତଶାଳୀ କରାଯିବାକୁ ଆଲୋଚନା କରାଯାଇଥିଲା। ଏଥିରେ ୩୭ ନଂ. ଜୋନ ମଣ୍ଡଳ ସଭାପତି ହୃଦାନନ୍ଦ ମହାନ୍ତ ଅଧକ୍ଷତା କରିଥିଲେ। ୭ ପଞ୍ଚାୟତର କର୍ମୀମାନେ ଯୋଗଦେଇ ନିଜର ମତ ରଖିଥିଲେ। ସଂଗଠକ ଦିଲୀପ ପାତ୍ର, କୈଳାସ ମହାକୁଡ଼ ସ୍ଥାନୀୟ ଅଞ୍ଚଳର ସମସ୍ତ ପଞ୍ଚାୟତରେ ନିଜର ସଂଗଠନ ମଜଭୁତ କରିବାକୁ ୱାର୍ଡରୁ ଜଣଙ୍କୁ ଯୋଗାଯୋଗ କରିବା ସହ ସମ୍ପର୍କ ସ୍ଥାପନ କରିବାକୁ ଜୋର ଦେଇଥିଲେ। ସେହିପରି କର୍ମୀ ନରୋତ୍ତମ ମହାନ୍ତ, ଲକ୍ଷ୍ମୀଧର ବାହାଦୁର, ଦେବେନ ମହାନ୍ତ, ଚକ୍ରଧର ସେଠୀ, ପାଣ୍ଡୁରାମ ଜାମୁଦା, ପ୍ରଫୁଲ୍ଲ ମହାନ୍ତ, କଳାକର ମହାନ୍ତ, ଧୀରେନ ଦେହୁରୀ, ଦୁର୍ଯ୍ୟୋଧନ ମହାନ୍ତ, ବେଣୁଧର ମହାନ୍ତ ପ୍ରମୁଖ ଭାଗନେଇ ନିଜର ମତାମତ ରଖିଥିଲେ।

## ଜିଲାସ୍ତରୀୟ ଇଭିଏମ୍, ଭିଭିପାଟ୍ ସଚେତନତା କାର୍ଯ୍ୟକ୍ରମ

ବିରଜାକ୍ଷେତ୍ର,୧୦।୩(ଡି.ଏନ୍.ଏ.)

ପ୍ରତ୍ୟେକ ଭୋଟର ଭିଭିପାଟ୍‌ର ବ୍ୟବହାର ସମ୍ପର୍କରେ ଜାଣିବା ସହ ଇଭିଏମ୍‌ରେ ମତଦାନ କରାଯିବା ନେଇ ରହିଥିବା ସନ୍ଦେହ ଦୂର କରିବା ନିମନ୍ତେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ଜିଲା ପ୍ରଶାସନ ମାରାଥନ ସଚେତନତା କାର୍ଯ୍ୟକ୍ରମ ଜାରି ରଖିଛି। ଏହି କ୍ରମରେ ରବିବାର ଯାଜପୁର ପୌରାଞ୍ଚଳ ଓ ସଦର ବ୍ଲକ ଅଞ୍ଚଳ ସମେତ ଏକ ଜିଲାସ୍ତରୀୟ ଇଭିଏମ ଓ ଭିଭିପାଟ୍ ପ୍ରଦର୍ଶନ(ଡେମୋ) ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ରଞ୍ଜନ କୁମାର ଦାସ ଏଥିରେ ଅଧକ୍ଷତା କରିଥିଲେ। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ରରେ ମତଦାନ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ହୋଇଥିବା ବେଳେ ଏହି ଅଧିକାରରୁ କେହି ଏଡାଇ ନ ଯାଇ ନିଜ ନିଜର ମତଦାନ କରିବାକୁ ଆହ୍ୱାନ ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ସରୋଜ ରାଉତ, ଯାଜପୁର ବିଡିଓ ସୌରଭ ଚକ୍ରବର୍ତ୍ତୀ ଓ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ନିର୍ବାଚନ ଅଧିକାରୀ କାଜଲ ପ୍ରଧାନ ଓ ସ୍ଥାନୀୟ ତହସିଲଦାର ସୁନିଲ ମେହେର ମଧ୍ୟ ଉପସ୍ଥିତ ଥିଲେ। ସଦର ବ୍ଲକ ବିଡିଓ ତଥା ବିଜେଡି ନେତା ପ୍ରଦୀପ ନାୟକ, ଯୁବ ବିଜେଡି ସଂଗଠକ ତଥା ପ୍ରାକ୍ତନ ପୌରାଧ୍ୟକ୍ଷ ଭବ ପ୍ରସାଦ ଦାସ, ବିଜେଡିର ରମଣୀ ରଞ୍ଜନ ରାଉତରାୟ, ଭାଜପା ଜିଲା ସମ୍ପାଦକ ସୁଦୀପ୍ତ ପଣ୍ଡା, ସୁରେଶ ରାଉତ, ମୃତ୍ୟୁଞ୍ଜୟ ମିଶ୍ର, କଂଗ୍ରେସରୁ ବିଭୂତି ଭୂଷଣ ମହାପାତ୍ର, ବହୁଜନ ସମାଜ ପାର୍ଟିରୁ ଭୀମସେନ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଖବରଦାତା ଆନନ୍ଦ ସାହୁ, ଅରୁଣ ରାଉତରାୟ, ଅଜୟ ରାଉଳ, ବିଶ୍ୱଜିତ ରଣା, ସଞ୍ଜୀବ ନାୟକ ପ୍ରମୁଖ ଗଣମାଧ୍ୟମ ପ୍ରତିନିଧି ପରୀକ୍ଷାମୂଳକ ଭୋଟ ଦେଇ ଭିଭିପାଟ୍ ମେଶିନରେ ତାର ଫଳାଫଳ ସମ୍ପର୍କରେ ଅବଗତ ହୋଇଥିଲେ।

## ନୂତନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଉଦ୍‌ଘାଟିତ

ଚଣ୍ଡିଖୋଲ,୧୦।୩(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ସୁଙ୍ଗୁଡ଼ା ପଞ୍ଚାୟତ ଅଧୀନ ତୁଳସୀନଗରଠାରେ ଶୁକ୍ରବାର ଏକ ନୂତନ ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ବଡ଼ଚଣା ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ଉଦ୍‌ଘାଟନ କରିଛନ୍ତି। ଦୀର୍ଘଦିନ ହେବ ଏଠାରେ ବିଦ୍ୟୁତ୍ ସମସ୍ୟା ଲାଗି ରହିଥିଲା। ନୂତନ ଟ୍ରାନ୍ସଫର୍ମର ବସିଥିବାରୁ ସ୍ଥାନୀୟ ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି। ଏହି ନୂତନ ଟ୍ରାନ୍ସଫର୍ମର ଯୋଗୁ ୪୦ ପରିବାର ଉପକୃତ ହେବେ ବୋଲି ବିଧାୟକ ଶତପଥୀ କହିଛନ୍ତି। ଉଦ୍‌ଘାଟନ ସମୟରେ ବିଦ୍ୟୁତ୍ ବିଭାଗ ଏସଡିଓ ଶୈଳେଶ ପଟେଲ, ସମୀର ଖାନ, ନିରଞ୍ଜନ ସେନାପତି, ବିଭାସ ଚନ୍ଦ୍ର ନନ୍ଦ, ସଞ୍ଜୟ ସ୍ୱାଇଁ, ଗଣେଶ୍ୱର ବରାଳ, ଯତୀନ୍ଦ୍ର ପ୍ରସାଦ ନାୟକ, ଆଇନଜୀବୀ ଦେବରାଜ ବେହେରା, ଅଧାପକ ସଲିଳରାଜନନ୍ଦନ ମହାନ୍ତି, ପ୍ରାକ୍ତନ ଜିଲା ପରିଷଦ ସଭ୍ୟା କାଞ୍ଚନବାଳା ଦାସ ଓ ମାନଗୋବିନ୍ଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ■ ମା' ମହାପାଟ କ୍ରିକେଟ ଟୁର୍ନାମେଣ୍ଟ

# ଡିସିସି ଯାଜପୁରରୋଡ ଚାମ୍ପିୟନ

କୋରେଇ,୧୦।୩(ସ୍ୱ.ପ୍ର.)



ଅତିଥିମାନେ ମ୍ୟାଚ୍ ଉଦ୍‌ଘାଟନ କରୁଛନ୍ତି।

କୋରେଇ ବ୍ଲକ ଅନ୍ତର୍ଗତ ତଳଗଡ଼ ପଞ୍ଚାୟତ କଣ୍ଟାଝରୀଗଡ଼ ବରାହନାଥ ଖେଳ ପଡ଼ିଆରେ ରବିବାର ବରାହନାଥ ଯୁଥ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୪ର୍ଥ ବାର୍ଷିକ ମା' ମହାପାଟ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଡିସିସି ଯାଜପୁରରୋଡ ଓ କେନ୍ଦୁଝରର ରାମଚନ୍ଦ୍ରପୁର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଧବଳଗିରି କ୍ରିକେଟ୍ କ୍ଲବ (ଡିସିସି) ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ୍ ହରାଇ ୨୧୨ ରନ୍ ସଂଗ୍ରହ କରିଥିଲା। ଜବାବରେ ରାମଚନ୍ଦ୍ରପୁର କ୍ରିକେଟ୍ କ୍ଲବ ୧୭ ଓଭରରେ ସମସ୍ତ ଉଇକେଟ ହରାଇ ପରାସ୍ତ ହୋଇଥିଲା। କୋରେଇ ଯୁବ ବିଜେଡି ସଭାପତି ଆଇନ୍‌ଜୀବୀ ଧନେଶ୍ୱର ବାରିକଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଙ୍ଗାଧର ପଣ୍ଡା, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଅମିୟବାଳା ଦ୍ୱିବେଦୀ, ଜିଲାପରିଷଦ ଉପାଧ୍ୟକ୍ଷା ଅମୂଲ୍ୟବାଳା ପାତ୍ର, ଶିକ୍ଷକ ମିନକେତନ ଦାଶ ଓ ବିଶ୍ୱନାଥ ଗୁରୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନରେଶ କୁମାର ହୋତା, ସନ୍ତୋଷ ସ୍ୱାଇଁ, ଚର୍ତୁଭୂଜ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ରୁଦ୍ରନାରାୟଣ ଦାସ ବେଷ୍ଟ ବ୍ୟାଟ୍ସମ୍ୟାନ, ବେଷ୍ଟ ବୋଲର ଭାବେ ମାନସ ମୁଦୁଲି, ଅଲରାଉଣ୍ଡର ଭାବେ ସୂର୍ଯ୍ୟକାନ୍ତ ପ୍ରଧାନ, ମ୍ୟାନ ଅଫ ଦି ମ୍ୟାଚ ଭାବେ ଲୋକମୋହନ ରାଉତରାୟ ଓ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ଭାବେ କ୍ରିଷ୍ଣକାନ୍ତ ମହାନ୍ତିଙ୍କୁ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଟିମ୍‌କୁ ନଗଦ ୧୨ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସ ଅପ୍ ଟିମ୍‌କୁ ୮ ହଜାର ଟଙ୍କା ଓ କପ୍ ପ୍ରଦାନ କରାଯାଇଥିଲା। ଦ୍ୱିଜେନ୍ଦ୍ର ବୋଶ ଓ ହେମନ୍ତ ଦାସ ଖେଳ ପରିଚାଳନା କରିଥିଲେ।

## ମହାବୀରଙ୍କ ପ୍ରତିଷ୍ଠା ଉତ୍ସବ



ପ୍ରତିଷ୍ଠା ଉତ୍ସବରେ ଉପସ୍ଥିତ ଅତିଥି।

କୋରେଇ୧୦।୩(ସ୍ୱ.ପ୍ର.)

କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତର ଓଟିନ୍ଦା ଗିରିସାହିଠାରେ ରବିବାର ସଙ୍କଟମୋଚନ ମହାବୀରଙ୍କର ପ୍ରତିଷ୍ଠା ଉପଲକ୍ଷେ ୮ମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ପୂଣ୍ୟତୋୟା ବୈତରଣୀରୁ ଶତାଧିକ ଲୋକେ କଳସ ଶୋଭାଯାତ୍ରାରେ ଆସି ବିଗ୍ରହ ପ୍ରତିଷ୍ଠା ସ୍ଥଳରେ ପହଞ୍ଚିବା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ ମହୋତ୍ସବ ଅନୁଷ୍ଠିତ ହୋଇଛି। କୋରେଇ ପ୍ରେସ କ୍ଲବ ସଭାପତି ସୁବାସ ଧଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ଗ୍ରାମ୍ୟ ମୁରବି ରଘୁନାଥ ପାଢ଼ୀ, କଳାକାର ନାରାୟଣ ଚନ୍ଦ୍ର ଦାସ, ମୂର୍ତ୍ତିକାର ମନ୍ମଥ ଗିରି, ସଙ୍ଗୀତଜ୍ଞ ହରିହର ଗିରି, ସାମାଜିକ କର୍ମୀ କରୁଣାକର ମାଝି ପ୍ରମୁଖ ଯୋଗଦେଇ ମହୋତ୍ସବ ଭାଇଚାରରାର ପ୍ରତୀକ ବୋଲି ମତ ଦେଇଥିଲେ। ପରେ ଗ୍ରାମର କୁନିକୁନି ପିଲାଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତିନିଦିନ ଧରି ଯଜ୍ଞ ଅନୁଷ୍ଠିତ ହେବ। ମାୟାଧର ସାହୁ, ପ୍ରକାଶ ସାହୁ, ପୁଫିନ ସେନାପତିଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## 'ଛାତ୍ରୀଛାତ୍ରଙ୍କୁ ଉନ୍ନତମାନର ଶିକ୍ଷା ଆବଶ୍ୟକ'

କଳିଙ୍ଗନଗର,୧୦।୩(ଡି.ଏନ.ଏ.)

କଳିଙ୍ଗନଗର ଦାନଗଦୀଠାରେ ଅବସ୍ଥିତ ଲିଟିଲ୍ ଆଞ୍ଜେଲ୍ ଇଂଲିଶ ମିଡିୟମ ସ୍କୁଲର ୪ର୍ଥ ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲର ପ୍ରତିଷ୍ଠାତା ମେଜର ଏସ୍‌କେ ଅବୁତାହେର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ କଳିଙ୍ଗନଗର ଥାର୍ଡ ଆଇଆରବି କମାଣ୍ଡାଣ୍ଟ ନାରାୟଣ ଦୋରା, ମୁଖ୍ୟ ବକ୍ତାଭାବେ ଅତିରିକ୍ତ ଏସ୍‌ପି (ଇନ୍‌ଟେଲିଜେନ୍ସ ଭୁବନେଶ୍ୱର) ଅଶୋକ କୁମାର ଦେଓ, ସମ୍ମାନିତ ଅତିଥିଭାବେ ବିଶିଷ୍ଟ ବ୍ୟବସାୟୀ ବଟକୃଷ୍ଣ ମହାରଣା, ଦାନଗଦୀ ବ୍ଲକ ଉପାଧ୍ୟକ୍ଷ ସୁଧାଂଶୁ ଭଞ୍ଜ ପ୍ରମୁଖ ଯୋଗ ଦେଇଥିଲେ। ଶିଳ୍ପାଞ୍ଚଳରେ ଜନସଂଖ୍ୟା ବୃଦ୍ଧି ପାଉଥିବାବେଳେ ଇଂଲିଶ ମିଡିୟମ ସ୍କୁଲର ଆବଶ୍ୟକତା ରହିଛି। ଛାତ୍ରୀଛାତ୍ରଙ୍କୁ ଉନ୍ନତମାନର ଶିକ୍ଷା ଦରକାର ବୋଲି ମୁଖ୍ୟ ଅତିଥି ଦୋରା ତାଙ୍କ ବକ୍ତବ୍ୟରେ କହିଥିଲେ। ଦାନଗଦୀର ବିଶିଷ୍ଟ ଶିଳ୍ପପତି ତଥା ସାମାଜିକ କର୍ମୀ ମଦନ ମୋହନ ନାୟକଙ୍କୁ ମୁଖ୍ୟ ଅତିଥି ଉପଢୌକନ ଓ ମାନପତ୍ର ଦେଇ ଦାନଗଦୀ ବନ୍ଧୁ ସମ୍ମାନରେ ସମ୍ମାନିତ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସ୍କୁଲ ଅଧକ୍ଷା ରଶ୍ମିରେଖା ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍କୁଲର ନିର୍ଦ୍ଦେଶକ ତାରିକ୍‌ଅଜିଜ୍ ଧନ୍ୟବାଦ ଦେଇଥିଲେ।

## ଇଭିଏମ୍, ଭିଭିପାଟ୍ ସଚେତନତା କାର୍ଯ୍ୟକ୍ରମ

ଯାଜପୁରରୋଡ,୧୦।୩(ନି.ପ୍ର.)

ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଇଭିଏମ୍ ଓ ଭିଭିପାଟ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୋଟରଙ୍କୁ ଏ ସମ୍ପର୍କରେ ସଚେତନ କରାଇବା ପାଇଁ ବ୍ୟାସନଗର ପୌର ପରିଷଦ ଓ କୋରେଇ ବ୍ଲକ କାର୍ଯ୍ୟାଳୟରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବହୁ ରାଜନେତା ଓ ଭୋଟରମାନେ ପୌର ପରିଷଦ ଓ ବ୍ଲକ କାର୍ଯ୍ୟାଳୟରେ ଭିଡ଼ ଜମାଇଥିଲେ।

# କାଠ ବ୍ୟବସାୟୀଙ୍କ ଭୂସ୍ୱର୍ଗ ପାଲଟିଛି ଜାତୀୟ ରାଜପଥ

ଯାଜପୁରରୋଡ,୧୦।୩(ନି.ପ୍ର.)

■ ୨ ମାସରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଚୋରାକାଠ ଜବତ

■ ନଷ୍ଟ ହେବାକୁ ବସିଲାଣି ଜଙ୍ଗଲ ସମ୍ପଦ

୨୦ନଂ. ଜାତୀୟ ରାଜପଥ କାଠ ବ୍ୟବସାୟୀଙ୍କ ଭୂସ୍ୱର୍ଗ ପାଲଟିଥିବା ବେଳେ କେନ୍ଦୁଝର ଓ ଯାଜପୁର ଜିଲା ବନବିଭାଗ ନୀରବଦ୍ରଷ୍ଟା ସାଜିଛି। ଦିନ ଦ୍ୱିପ୍ରହରେ କେନ୍ଦୁଝର ଅଞ୍ଚଳରୁ ବୋଲେରୋ ଓ ଲୁହାପଥର ବୋଝେଇ ଟ୍ରକରେ ମୂଲ୍ୟବାନ କାଠ ଚୋରାଚାଲାଣ କରାଯାଉଛି। କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ବନବିଭାଗର ଗେଟ୍ କାଠ ମାଫିଆଙ୍କୁ ଜାଣିଶୁଣି ଛାଡିଦେଉଥିବା ଜଣାପଡ଼ିଛି। ଚୋରା କାଠଗୁଡିକ ଯାଜପୁରରୋଡ, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା ଓ ପାରାଦୀପ ଅଞ୍ଚଳକୁ ଚାଲାଣ ହେଉଛି। ବିଶେଷକରି ଖଣିଜ ପଦାର୍ଥ ବୋଝେଇ ଟ୍ରକରେ ଶାଳ, ପିଆଶାଳ, ଶାଗୁଆନ କାଠ ଓ ପଟା ସହ ବିଭିନ୍ନ କାଠ ଉପକରଣ ଚାଲାଣ ହେଉଛି। ଫଳରେ କେନ୍ଦୁଝର ଜିଲାର ଜଙ୍ଗଲ ସମ୍ପଦ ନଷ୍ଟ ହେବାକୁ ବସିଲାଣି। ଚୋରା କାଠଗୁଡିକ ଯାଜପୁରରୋଡ ବନବିଭାଗ, କୋରେଇ ଓ ଯାଜପୁରରୋଡ ପୋଲିସ ହାତରେ ଧରା ପଡୁଛି। ପ୍ରତି ମାସରେ ବନବିଭାଗ ଲକ୍ଷ ଲକ୍ଷ ଟଙ୍କାର ଦାମି କାଠ ଜବତ କରିବା ସହ ଗାଡିଗୁଡିକୁ ମଧ୍ୟ ଜବତ କରୁଛି। ଯାଜପୁରରୋଡ ବନବିଭାଗ କାର୍ଯ୍ୟାଳୟରେ ୧୫ରୁ ଊର୍ଦ୍ଧ୍ୱ ଗାଡ଼ି ଜବତ ହୋଇରହିଛି। ଯାଜପୁରରୋଡ ବନବିଭାଗ ପକ୍ଷରୁ ରଗଡିଠାରୁ ପାଣିକୋଇଲି ପର୍ଯ୍ୟନ୍ତ ପଇଁତରା ମାରୁଥିଲେ ମଧ୍ୟ ଖଣିଜ ପଦାର୍ଥ ଟ୍ରକରେ ବୋଝେଇ ହୋଇଆସୁଥିବା କାଠଗୁଡିକ ଧରିବାରେ ସକ୍ଷମ ହୋଇପାରୁନାହାନ୍ତି। ଅନ୍ୟପକ୍ଷରେ ଆନନ୍ଦପୁର ଅଞ୍ଚଳର କେସଦୁରାପାଳ ଅଞ୍ଚଳରୁ ସାଇକେଲ ଯୋଗେ ରାତିରେ ଜାଳେଣି କାଠ ରାସ୍ତାରେ ନ ଆସି ପଛିକୋଟ ଦେଇ କୋରେଇ, ଶଙ୍ଖଚିଲା ଓ ଯୋକଡିଆ ପ୍ରଭୃତି ଅଞ୍ଚଳକୁ ଯାଉଥିବା ଦେଖାଦେଇଛି। ଏ ସମ୍ପର୍କରେ ଯାଜପୁରରୋଡ ବନବିଭାଗ ରେଞ୍ଜର ଦେବେନ୍ଦ୍ର ପଟ୍ଟନାୟକଙ୍କୁ ପଚାରିବାରୁ, ଏଥିପାଇଁ ଏକ ସ୍କ୍ୱାର୍ଡ ଗଠନ କରାଯାଇ ଗାଡିଗୁଡିକୁ ଜବତ କରି କାଠ ଉଦ୍ଧାର କରାଯାଉଛି। କିନ୍ତୁ କାଠ ମାଫିଆ ଧରା ପଡୁନାହାନ୍ତି ବୋଲି କହିଛନ୍ତି। କାଠ ଓ ଗାଡ଼ି ଜବତ ହେଉଥିବା ବେଳେ ମାଫିଆମାନେ କିପରି ଖସି ଯାଉଛନ୍ତି, ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ୨ ମାସ ମଧ୍ୟରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଚୋରା କାଠ ଜବତ କରାଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୧ ମାର୍ଚ୍ଚ, ୨୦୧୯



ସମସ୍ତଙ୍କ ଆତ୍ମା ଅମର, କିନ୍ତୁ ନ୍ୟାୟବାନ ଲୋକର ଆତ୍ମା ହିଁ ଦେବତ୍ୱ ଲାଭ କରେ।
- ସକ୍ରେଟିସ



## ସଂକ୍ଷେପରେ

### ଭାଜପାର ଜନ ପରାମର୍ଶ ପଦଯାତ୍ରା



**ବିରଜାକ୍ଷେତ୍ର/ ରତ୍ନଗିରି,୧୦।୩(ଡି.ଏନ୍.ଏ.):** ଯାଜପୁର ବ୍ଲକ ସୁଜନପୁର ପଞ୍ଚାୟତରେ ରବିବାର ଭାଜପା ପକ୍ଷରୁ ଜନ ପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବରୀ ନିର୍ବାଚନ ମଣ୍ଡଳୀର ଭାଜପା ନେତା ବିଶ୍ୱରଞ୍ଜନ ମଲ୍ଲିକ ସୁଜନପୁର ପଞ୍ଚାୟତର ସୁଜନପୁର, କାଶିପୁର, ହସନପୁର, ଦୁର୍ଗାପୁର, ଛନ୍ଦା ଗ୍ରାମରେ ପଦଯାତ୍ରା କରି ଭୋଟରଙ୍କୁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ସୁଜନପୁର ବଜାରରୁ ଏକ ବିଶାଳ ଶୋଭାଯାତ୍ରାରେ ନିଆଯାଇ ଭାଜପା ନେତା ମଲ୍ଲିକଙ୍କୁ ପଞ୍ଚାୟତର ବିଭିନ୍ନ ସ୍ଥାନ ପରିକ୍ରମା କରାଯାଇଥିଲା। ଭାଜପା ମଣ୍ଡଳ ସଭାପତି ଅଶୋକ ମହାନ୍ତି, ସୁଜନପୁର ସରପଞ୍ଚ ଦୁର୍ଯ୍ୟୋଧନ ଦାସ, ପ୍ରତାପ ମହାନ୍ତି, ବରିଷ୍ଠ ଭାଜପା ନେତା ସନାତନ ନାୟକ, ଜିତେନ୍ଦ୍ର କୁମାର ମହାନ୍ତି, ପ୍ରଫୁଲ୍ଲ ପରିଡ଼ା, ଦିବ୍ୟରଞ୍ଜନ ସାହୁ, ବିବେକାନନ୍ଦ ମହାନ୍ତିଙ୍କ ସମେତ ଭାଜପାର ବହୁ ଆଗଧାଡ଼ିର ନେତା ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ଗତ କିଛିଦିନ ହେବ ବିଶ୍ୱରଞ୍ଜନ ବରୀ ନିର୍ବାଚନ ମଣ୍ଡଳୀ ଅଧୀନ ଯାଜପୁର ବ୍ଲକରେ ଥିବା ୮ ପଞ୍ଚାୟତରେ ଜନପରାମର୍ଶ ପଦଯାତ୍ରା ମାଧମରେ ଭୋଟରଙ୍କୁ ଆକୃଷ୍ଟ କରୁଥିବା ଦେଖିବାକୁ ମିଳିଛି। ଏହି ପଦଯାତ୍ରାରେ ବିପୁଳ ଜନସମର୍ଥନ ମଧ ମିଳୁଛି।

### ଭାଜପା ବିଜୟ୍ ସଂକଳ୍ପ ସଭା ପାଇଁ ପ୍ରସ୍ତୁତି

**ରସୁଲପୁର,୧୦।୩(ଡି.ଏନ.ଏ.):** ରସୁଲପୁର ବ୍ଲକର ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱର ମନ୍ଦିର ପରିସରରେ ଭାଜପା ପକ୍ଷରୁ ବିଜୟ୍ ସଂକଳ୍ପ ପଥପ୍ରାନ୍ତ ସଭା ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମଣ୍ଡଳ ସଭାପତି ରଶ୍ମୀରଞ୍ଜନ ନାୟକ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ୩୪ନଂ ଜୋନ ପ୍ରଭାରୀ ରଘୁନାଥ ବେହେରା ଯୋଗଦେଇ ବିଜୟ୍ ସଂକଳ୍ପ ସଭା ଚଳିତ ମାସ ୧୬ ଓ ୧୭ ତାରିଖ ୨ଦିନ ଧରି ଚାଲିବ ବୋଲି କହିଥିଲେ। ବୈଠକରେ ଯୁବ ମୋର୍ଚ୍ଚା ସଭାପତି ମଣ୍ଟୁ ସାମଲ, ସଭାନେତ୍ରୀ ଜୟନ୍ତୀ ସ୍ୱାଇଁ, ୯ ପଞ୍ଚାୟତର ସଭାପତି, ଉପସଭାପତି, ପ୍ରଭାରୀ, ଯୁବମୋର୍ଚ୍ଚା ସଭାପତି ପ୍ରମୁଖ ଯୋଗ ଦେଇଥିଲେ। ଦଳ ପକ୍ଷରୁ ୧୬ ତାରିଖ ଦିନ ବାରବାଟୀ ପଞ୍ଚାୟତରୁ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଛି।

### ଇଭିଏମ୍, ଭିଭିପାଟ ସଚେତନତା କାର୍ଯ୍ୟକ୍ରମ



**ରସୁଲପୁର,୧୦।୩(ଡି.ଏନ.ଏ.):** ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ରବିବାର ବିଡିଓ ଉମାକାନ୍ତ ପରିଡାଙ୍କ ଅଧକ୍ଷତାରେ ଇଭିଏମ୍ ଓ ଭିଭିପାଟ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଭିନ୍ନ ପଞ୍ଚାୟତରୁ ଆସିଥିବା ଜନପ୍ରତିନିଧି, ରାଜନୈତିକ ଦଳର ପ୍ରତିନିଧି, ଗଣମାଧମ ପ୍ରତିନିଧି ଯୋଗ ଦେଇଥିଲେ। ଏଥିରେ ଅଧିକାରୀମାନେ ଇଭିଏମ୍ ଓ ଭିଭିପାଟ୍ ବ୍ୟବହାର ଡେମୋ ପ୍ରଦର୍ଶନ କରିଥିଲେ। ଭୋଟିଂବେଳେ ବ୍ୟତିକ୍ରମ ଦେଖାଦେଲେ ଏ ନେଇ ଭୋଟଦାତା ପ୍ରିଜାଇଡିଂ ଅଧିକାରୀ ଓ ପୋଲିଂ ଅଧିକାରୀଙ୍କ ନଜରକୁ ଆଣିବେ ବୋଲି ଏଥିରେ କୁହାଯାଇଥିଲା। ଏବିଡିଓ ଅସିତ୍ କୁମାର ପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ଏମପିଙ୍କ ପ୍ରତିନିଧି ପ୍ରକାଶ ସାମଲ, ବରୀ ବିଧାୟକଙ୍କ ପ୍ରତିନିଧି ପ୍ରଫୁଲ୍ଲ ସାହୁ, କୋରେଇ ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ପଣ୍ଡା, ସହକାରୀ ବ୍ଲକ ଶିକ୍ଷାଧିକାରୀ ଭିକାରୀ ଚରଣ କବି, ସିଆରସିସି ଦେବରାଜ ମିଶ୍ର, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଦିବ୍ୟକାନ୍ତି ମିଶ୍ର, ଏପିଓ ବିଷ୍ଣୁଦତ୍ତ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

# ଏଥର ରେକର୍ଡ ପାଇଁ ଲଢ଼େଇ

**ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ**
- ମେଳି ବାନ୍ଧିଛନ୍ତି ଅସନ୍ତୁଷ୍ଟ ଯୁବ ବିଜେଡି କର୍ମୀ
- ଭାଜପାରେ ଯୋଗଦେବାକୁ ରଣନୀତି ପ୍ରସ୍ତୁତି

**ଯାଜପୁର ଅଫିସ,୧୦।୩**

ଯାଜପୁର ବିଧାନସଭା ଆସନ ନିର୍ବାଚନ ଅଧ୍ୟାୟରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡ଼ି ହେବାକୁଯାଉଛି। କାରଣ ଏଥର ନିର୍ବାଚନରେ ବିଧାୟକ ପ୍ରଣବ ପ୍ରକାଶ ଦାସ(ବବି) ଦୀର୍ଘ ୪୨ ବର୍ଷର ରେକର୍ଡ ଭାଙ୍ଗି ନୂଆ ରେକର୍ଡ ସୃଷ୍ଟି କରିବା ଅପେକ୍ଷାରେ ଅଛନ୍ତି। ସେପଟେ ପ୍ରଣବଙ୍କ ଅସନ୍ତୁଷ୍ଟ ଗୋଷ୍ଠୀ ଦଳ ଛାଡ଼ି ତାଙ୍କ ପଥରୋଧ କରି ଇତିହାସ ସୃଷ୍ଟି କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ସୂଚନା ଅନୁଯାୟୀ, ପୂର୍ବରୁ ୧୯୭୧, ୧୯୭୪ ଓ ୧୯୭୭ ନିର୍ବାଚନରେ ଜଗନ୍ନାଥ ମଲ୍ଲିକ ଏହି ଆସନରେ ଲଗାତାର ୩ ଥର ନିର୍ବାଚିତ ହୋଇଥିଲେ। ଏହି ରେକର୍ଡ ଏଯାଏ ବଳବତ୍ତର ରହିଛି। ଅର୍ଥାତ ତାଙ୍କ ପରେ ଆଉ କେହି ଲଗାତର ୩ଥର ବିଜୟୀ ହୋଇନାହାନ୍ତି। ତେଣୁ ଆସନ୍ତା ନିର୍ବାଚନରେ ପ୍ରଣବ ବିଜୟୀ ହୋଇ ଏହି ରେକର୍ଡର ଅଧିକାରୀ ହେବାର ଆଶା ରଖିଛନ୍ତି। ସେପଟେ ନିର୍ବାଚନ ଅଧିକାରୀଙ୍କ ତାରିଖ ଘୋଷଣା ଦିନ ଯାଜପୁର ପୌରାଞ୍ଚଳର ୪୦୦ରୁ ଊର୍ଦ୍ଧ୍ୱ ଅସନ୍ତୁଷ୍ଟ ଯୁବ ବିଜେଡି କର୍ମୀ ମେଳି ବାନ୍ଧିଛନ୍ତି। ସେମାନେ ଭାଜପାରେ ସାମିଲ ହେବେ ବୋଲି ସୂଚନା ମିଳିଛି। ଯଦି ତାହା ସତ୍ୟ ହୁଏ ତେବେ, ପ୍ରଣବଙ୍କ ରେକର୍ଡ ଆଶା ଆଶାରେ ରହିଯିବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତପୋଷଣ କରୁଛନ୍ତି। ସ୍ଥାନୀୟ ଭୋଟରଙ୍କ କହିବା କଥା ହେଲା, କ୍ରମାଗତ ବିଜୟ ଫଳରେ ନେତାଙ୍କ ଗର୍ବ ଓ ଅହଙ୍କାର ସୀମା ଟପିଛି। ଅଧିକାଂଶ ନେତା ଓ ଲୋକପ୍ରତିନିଧି ଠିକାଦାରୀରେ ମାତି ଲୋକଙ୍କ ସମସ୍ୟା ସମାଧାନଠାରୁ ଦୂରେଇ ଯାଇଛନ୍ତି। ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କୁ ହାତ କରି ଠିକା କାର୍ଯ୍ୟ ଜରିଆରେ ଲାଭବାନ ହେବାର ନିଶା ସେମାନଙ୍କୁ ଘାରିଛି। ଏପରିକି ଯେଉଁ ଯୁବଗୋଷ୍ଠୀ ଓ ବରିଷ୍ଠ କର୍ମୀଙ୍କ ଝାଳବୁହା ପରିଶ୍ରମରେ ନେତା ବିଜୟ ଲାଭ କରିଛନ୍ତି, ସେମାନଙ୍କୁ ବି ଭୁଲି ଯାଇଛନ୍ତି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସହରର ବିଭିନ୍ନ ଗୁପ୍ତସ୍ଥାନରେ ବିଜେଡି କର୍ମୀମାନେ ବୈଠକ କରି ଭାଜପାରେ ସାମିଲ ହେବାକୁ ମନସ୍ଥ କରିଛନ୍ତି। ଫଳରେ ବିଜେଡିକୁ ଶକ୍ତ ଧକ୍କା ଲାଗିପାରେ ବୋଲି ଆଲୋଚନା ହେଉଛି। ଦୀର୍ଘ ୩୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଗୋଟିଏ ପରିବାର ସଦସ୍ୟଙ୍କ ହସ୍ତ ମୁଦି ଭାବେ ଯାଜପୁର ପୌରାଞ୍ଚଳ ରହିଆସିଛି। ଯାଜପୁର ପୌରାଞ୍ଚଳ ସମେତ ବିଧାନସଭା ନିର୍ବାଚନମଣ୍ଡଳୀରେ ଏଯାଏ ବବିଙ୍କ ବିକଳ୍ପ କେହି ନାହାନ୍ତି। ଏପରିକି ୨୦୧୩ ପୌର ନିର୍ବାଚନରେ ବବିଙ୍କ ନେତୃତ୍ୱରେ ୧୮ଟି ୱାର୍ଡରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିଲେ। ଯାଜପୁର ପୌରପାଳିକାରେ କଂଗ୍ରେସର ଭୂମିକା ଅତି ନଗଣ୍ୟ। ସେହିପରି ଭାଜପାର ମଧ ପୃଷ୍ଠଭୂମି ନ ଥିଲା। ମାତ୍ର ଗତ କିଛିଦିନ ହେଲା ଯାଜପୁର ନିର୍ବାଚନମଣ୍ଡଳୀରେ ପଟ ପରିବର୍ତ୍ତନ ହେଉଥିବା ଦେଖିବାକୁ ମିଳୁଛି। ଗତ ଏକ ମାସ ମଧରେ ମୁଖ୍ୟମନ୍ତ୍ରୀ ଯାଜପୁର ଜିଲାକୁ ୪ ଥର ଗସ୍ତରେ ଆସିଛନ୍ତି । କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ କୌଣସି ବୈଠକରେ ବବିଙ୍କ ଦେଖାମିଳିନାହିଁ। ଏପରିକି ପାଣିକୋଇଲିଠାରେ ଟ୍ରମା କେୟାର ସେଣ୍ଟର ଉଦ୍‌ଘାଟନ ସମୟରେ ବି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଆସିବା ପୂର୍ବରୁ ସେ ସ୍ଥାନ ଛାଡି ଚାଲିଯାଇଥିଲେ। ଏହି ଉପଲକ୍ଷେ ଆୟୋଜିତ ସାଧାରଣ ବୈଠକରେ ମୁଖ୍ୟମନ୍ତ୍ରୀ ତାଙ୍କୁ ବହୁତ କାର୍ଯ୍ୟ ଦେଇଛନ୍ତି କହି ବୈଠକରୁ ଦୂରେଇ ଯାଇଥିଲେ। ଏଥିରୁ ବବିଙ୍କ କ୍ଷମତାକୁ ସଙ୍କୁଚିତ କରାଯାଇଥିବା ମନେ ହେଉଛି। ପୁଣି ଶତାଧିକ ଯୁବକ ତାଙ୍କ ବିରୋଧରେ ଯିବାକୁ ନିଷ୍ପତ୍ତି ନେବା ଯାଜପୁର ବିଜେଡିକୁ ବିପର୍ଯ୍ୟୟର ଆହ୍ୱାନ ଦେଇଛି। ଏହି ନିର୍ବାଚନମଣ୍ଡଳୀରେ ବହୁ ଶିକ୍ଷିତ ଯୁବତୀଯୁବକ ଅବହେଳିତ ଭାବେ ରହିଛନ୍ତି। ସେହିପରି ଯାଜପୁର ସହରର ନବକଳେବର ଆଳରେ ପ୍ରାୟ ୧୫୦ କୋଟି ଟଙ୍କାର ଅନୁଦାନ ଆବଣ୍ଟିତ ହୋଇଛି। କିନ୍ତୁ ଏହି ଅନୁଦାନର ସଠିକ ବିନିଯୋଗ ନେଇ ମଧ ଅନେକ ପ୍ରଶ୍ନ ଉଠାଇଛନ୍ତି। ଫଳରେ କେତେକ ପୂର୍ବତନ ବିଜେଡି କାଉନସିଲରଙ୍କ ନେତୃତ୍ୱରେ ଶତାଧିକ ଯୁବକ ମେଳି ବାନ୍ଧିଛନ୍ତି। ଏହି ସପ୍ତାହ ମଧରେ ଅସନ୍ତୁଷ୍ଟ ବିଜେଡି କର୍ମୀମାନେ ଭୁବନେଶ୍ୱରରେ ଭାଜପା ମିଶ୍ରଣ ପର୍ବରେ ଯୋଗଦାନ କରିବେ ବୋଲି ଶୁଣିବାକୁ ମିଳୁଛି। ଏନେଇ ରବିବାର ଯାଜପୁର ସହରର ସାନବଜାରରେ ଥିବା ଏକ ମଣ୍ଡପରେ ଏକତ୍ରୀତ ହୋଇ ଆଗାମୀ ରଣନୀତି ପ୍ରସ୍ତୁତ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି । ଏଥିରେ ବବିଙ୍କ କେତେକ ସମର୍ଥକ ସଂଗ୍ରାମୀ ଯୁବକମାନେ ମଧ ରହିଛନ୍ତି। ତେବେ ଏ ସମ୍ପର୍କରେ ବିଧାୟକ ବବିଙ୍କ ମତାମତ ନିଆଯାଇ ପାରିନାହିଁ।

## ମଦ ଜବତ, ୩ ଗିରଫ

**ଧର୍ମଶାଳା,୧୦।୩(ଡି.ଏନ୍.ଏ.)**

ଧର୍ମଶାଳା ପୋଲିସ ଶନିବାର ବିଳମ୍ବିତ ରାତିରେ ୩ ସ୍ଥାନରେ ଚଢାଉ କରି ୪୭ଲିଟର ଦେଶୀ ଓ ୧୭ ଲିଟର ବିଦେଶୀ ମଦ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି। ଏ ନେଇ ପୃଥକ୍ ମାମଲା (୯୪/୧୯,୯୫/୪୯,୯୬/୧୯) ରୁଜୁକରି ସମସ୍ତଙ୍କୁ ରବିବାର ଚଣ୍ଡିଖୋଲ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି ।

ପ୍ରକାଶ ଯେ, ନେଉଳପୁର ଗ୍ରାମର ନିତ୍ୟାନନ୍ଦ ସାହୁ ଓ ସାନନହଙ୍ଗାର ଗ୍ରାମର ସୁକଦେବ ମଲିକ ବେଆଇନ ମଦବିକ୍ରି କରୁଥିବା ଖବର ପାଇ ଧର୍ମଶାଳା ପୋଲିସ ଚଢାଉ କରି ସେମାନଙ୍କୁ ଗିରଫ କରିବା ସହ ଚୋରା ମଦ ଜବତ କରିଥିଲା । ଏହିପରି ଜାତୀୟ ରାଜପଥ ଜାରକା ବଜାରସ୍ଥିତ ଏକ ହୋଟେଲରୁ ଉତରଶାସନ ଗ୍ରାମର ଅଦ୍ୱୈତ ଦାସଙ୍କୁ ଗିରଫ କରିବା ସହ ମଦ ଜବତ କରିଥିଲା।

## ରାତିଅଧିଆ ସେତୁ ମରାମତି

**ରସୁଲପୁର,୧୦।୩(ଡି.ଏନ.ଏ.)**



ରସୁଲପୁର ବ୍ଲକ ଅନ୍ତର୍ଗତ କଲଣ ଗ୍ରାମ ଓ ଧର୍ମଶାଳା ବ୍ଲକର କୁସ୍ତିରା ଗ୍ରାମକୁ ସଂଯୋଗ କରୁଥିବା ସେତୁର ମରାମତି କାର୍ଯ୍ୟ ରବିବାର ରାତି ଅଧିଆ କରାଯାଉଛି। ତେଣୁ ଏହି ମରାମତି କାର୍ଯ୍ୟକୁ ନେଇ ସ୍ଥାନୀୟ ଜନସାଧାରଣ ଆପତ୍ତି ଉଠାଇଛନ୍ତି। ପୋଲ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ଲୋକଙ୍କ ଦୃଷ୍ଟି ଆଢୁଆଳରେ କାର୍ଯ୍ୟ କରିବାକୁ ଉଦ୍ୟମ କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ଦିଗରେ ବିଭାଗ ପକ୍ଷରୁ ସହଯୋଗ କରାଯାଉଛି। ଦିନବେଳା କାର୍ଯ୍ୟ କଲେ ଲୋକେ ନିମ୍ନମାନର କାର୍ଯ୍ୟ ନେଇ ଠିକାଦାରଙ୍କୁ ଘେରିବାର ଭୟ ରହିଥିବାରୁ ଏଭଳି କରାଯାଉଛି ବୋଲି କୁହାଯାଉଛି। ପ୍ରକାଶ ଯେ ୧୯ ଫେବୃୟାରୀରେ କଲଣ-କୁସ୍ତିରାକୁ ସଂଯୋଗ କରୁଥିବା ଅଧାଗଡା ସେତୁକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ତେବେ ଏହି ପୋଲ ନିର୍ମାଣ ନିମ୍ନମାନର ହୋଇଥିବାରୁ ଛାତରୁ ବାଲି, ଚିପ୍ସ ଓ ସିମେଣ୍ଟ ଉଠିଯାଇଥିଲା। ଉଦ୍‌ଘାଟନ ଉତ୍ସବ ସେତୁଠାରୁ ଅନ୍ୟୁନ ୧୦ କି.ମି.ଦୂରରେ କରାଯାଇଥିଲା। ଏପରି ଉଦ୍‌ଘାଟନ ଫଳକ ଲଗାଯାଇ ନ ଥିଲା। ଏକ ଅସ୍ଥାୟୀ ଫଳକ ଜରିଆରେ ମୁଖ୍ୟମନ୍ତ୍ରୀ ସଭା ମଞ୍ଚ ନିକଟରେ ପୋଲ ଲୋକାର୍ପଣ କରିଥିଲେ। ଫଳରେ ପୋଲ ନିକଟରେ ବିଭାଗୀୟ ଅଧିକାରୀଙ୍କ ପାଦ ପଡ଼ିନଥିଲା। ଏବେ ପୁଣି ମରାମତି କାର୍ଯ୍ୟକୁ ଅତି ଖାମଖିଆଲ ଭାବରେ କରାଯାଉଛି। ରବିବାର ଛୁଟି ଦିନରେ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ଅଛନ୍ତି। ତେଣୁ କାର୍ଯ୍ୟର ଗୁଣବତ୍ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନି।

**କାର୍ଯ୍ୟସ୍ଥଳରେ ନାହାନ୍ତି ଅଧିକାରୀ**

## ତହସିଲ ପକ୍ଷରୁ ଚଢାଉ: ୨ ଟ୍ରକ୍,୧ କମ୍ପ୍ରେସର ଜବତ

**ଜେନାପୁର, ୧୦।୩(ଡି.ଏନ୍.ଏ.)**

ଧର୍ମଶାଳା ତହସିଲ ରବିବାର ଆରୁହା ପାହାଡରେ ବେଆଇନ କଳାପଥର ଲୋଡିଂ ବେଳେ ୨ ଟ୍ରକ୍ ଓ ୧ କମ୍ପ୍ରେସର ଜବତ କରିଛି। ତହସିଲ ଦାର ସରୋଜ କୁମାର ପଣ୍ଡାଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲ ଦାର ଦେବି ପ୍ରଶାଦ ମହାନ୍ତି, ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁ ପ୍ରମୁଖ ସାମିଲ ହୋଇଥିଲେ। ଏହି ପରି ଆଗାମୀ ଦିନରେ ତହସିଲ ପକ୍ଷରୁ ଚଢାଉ କରାଯିବ ବୋଲି ଅତିରିକ୍ତ ତହସିଲଦାର ସୂଚନା ଦିଆଯାଇଛ। ଜବତ ହୋଇଥିବା ଟ୍ରକ୍ ଓ କମ୍ପ୍ରେସର ମାଲିକଙ୍କଠାରୁ ଜରିମନା ଆଦାୟ କରାଯିବ ବୋଲି ମଧ ସେ କହିଛନ୍ତି।

## ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**କାଳିଆପାଣି,୧୦।୩(ଡି.ଏନ୍.ଏ.)**

ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ରବିବାର ବିଧାୟକ ପ୍ରୀତିରଞ୍ଜନ ଘଡେଇ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ବିଧାୟକ ଘଡେଇ ଖଣି ଅଞ୍ଚଳର କଂସ ପଞ୍ଚାୟତରେ ୨ଟି ଓ ରାଁସୋଳ ପଞ୍ଚାୟତର ୨ଟି କଂକ୍ରିଟ ରାସ୍ତା ସହ ମିନି ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଜିଲା ଖଣିଜ ପାଣ୍ଠି ଅନୁଦାନରେ ସୁକିନ୍ଦା ବ୍ଲକ ପକ୍ଷରୁ ଅନ୍ୟୁନ ୨ କୋଟି ବ୍ୟୟ ଅଟକଳରେ ହୋଇଥିବା କଂସ ପଞ୍ଚାୟତର ଜାରଗିସାହୀରୁ ଟିକରପଡ଼ା, ସରୁଆବିଲ ଶିବମନ୍ଦିରରୁ ବାତ୍ରାହଟିଂ, ରାଁସୋଳ ପଞ୍ଚାୟତର କୁମାରଡିହ କେନାଲରୋଡ଼ରୁ ବରଗଜୀ ଗ୍ରାମ, ମୁଖ୍ୟ ରାସ୍ତାରୁ କାକୁଡ଼ିଆ ଗ୍ରାମ ଓ ରାଁସୋଳ ଗ୍ରାମରେ ଏକ ମିନି ଷ୍ଟାଡିୟମ ପରି ୫ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ଜଣାପଡ଼ିଛି। ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ବିଧାୟକ ଘଡ଼େଇ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସୁକିନ୍ଦା ବ୍ଲକ ଉପାଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ପୂର୍ବତନ ଅଧକ୍ଷା ଭଗବତୀ ମହାନ୍ତ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଦ୍ୟାଧର ପାତ୍ର, ମଜଦୁର ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ,ରାଁସୋଳ ସରପଞ୍ଚ ବିଶ୍ୱଜିତ ମହାନ୍ତି, କେଶବ ହେସା, ବିରବଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମଶାଳା ବାଣୀପୀଠର ହୀରକ ଜୟନ୍ତୀ ପ୍ରସ୍ତୁତି

**ଧର୍ମଶାଳା,୧୦।୩(ଡି.ଏନ୍.ଏ.)**

ଯାଜପୁର ଜିଲାର ଅନ୍ୟତମ ପୁରାତନ ହାଇସ୍କୁଲ ଧର୍ମଶାଳା ବାଣୀପୀଠର ହୀରକ ଜୟନ୍ତୀ ଉତ୍ସବ ପାଳନ ନେଇ ପୁରାତନ ଛାତ୍ର ସଂସଦ ଓ ସ୍କୁଲ ପକ୍ଷରୁ ସ୍ଥିର କରାଯାଇଛି । ଜୟନ୍ତୀ ଉତ୍ସବ ଉପଲକ୍ଷେ ଆସନ୍ତା ୧୫ ତାରିଖରେ ପୂରାତନ ଛାତ୍ର ଓ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଓ ବିଦ୍ୟାଳୟର ଶୁଭେଚ୍ଛୁମାନଙ୍କୁ ନେଇ ଏକ ହୀରକ ଜୟନ୍ତୀ କ୍ରିୟାନୁଷ୍ଠାନ କମିଟି ଗଠନ କରାଯିବ। ଏନେଇ ବିଦ୍ୟାଳୟର ଶୁଭେଚ୍ଛୁ ଓ ପୂରାତନ ଛାତ୍ରୀଛାତ୍ର ଉପସ୍ଥିତ ହୋଇ ଆଲୋଚନାରେ ଭାଗ ନେବା ପାଇଁ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ସାହୁ, ପୁରାତନ ଛାତ୍ର ସଂସଦ ସଭାପତି ଡା. ବିଜୟ କୁମାର ଶତପଥୀ ଓ ସମ୍ପାଦକ ଅଦିକନ୍ଦ ସ୍ୱାଇଁ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

## ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷିକାଙ୍କୁ ସମ୍ବର୍ଦ୍ଧନା

**ଚଣ୍ଡିଖୋଲ, ୧୦।୩(ଡି.ଏନ୍.ଏ.)**

ଯାଜପୁର ଜିଲାର ବିଭିନ୍ନ ମହାବିଦ୍ୟାଳୟରେ ଅଧୟନ କରୁଥିବା ଛାତ୍ରୀଙ୍କୁ ଆତ୍ମ ସୁରକ୍ଷା ତାଲିମ ପ୍ରଦାନ କରିଥିବା ୧୫ ଜଣ ଜିଲାସ୍ତରୀୟ ମହିଳା ପ୍ରଶିକ୍ଷିକାଙ୍କୁ ରବିବାର ସମ୍ବର୍ଦ୍ଧିତ କରାଯାଇଛି। ବଡ଼ଚଣାସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶପଥ ପକ୍ଷରୁ କବି ଭକ୍ତ ଚରଣ ସାହୁଙ୍କ ଅଧକ୍ଷତାରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବଡ଼ଚଣା ଥାନାଧିକାରୀ ଦୀପକ କୁମାର ଜେନା ଯୋଗଦେଇ ଆଜିର ଯୁଗରେ ମହିଳାମାନେ ଦେଶର ପ୍ରମୁଖ ସ୍ଥାନରେ ରହିଛନ୍ତି। ସେମାନଙ୍କର ସାହସିକତା ପାଇଁ ନିର୍ଭୀକ ଭାବରେ ଉଚ୍ଚ ପଦ ପଦବୀରେ ରହି ଆସିଛନ୍ତି। ସେମାନଙ୍କୁ ଅନୁସରଣ କରି ଛାତ୍ରୀମାନେ ସାହସିକତା ଦେଖାଇବା ଦରକାର ଏବଂ ତାଙ୍କୁ ପ୍ରଶିକ୍ଷଣ ଦେଉଥିବା ମହିଳାମାନେ ଛାତ୍ରୀମାନଙ୍କ ମଧରେ ଆତ୍ମ ବିଶ୍ୱାସ ସୃଷ୍ଟି କରିବା ଉଚିତ୍ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଅଧାପକ ପ୍ରଶାନ୍ତ କୁମାର ସାହୁ ଯୋଗଦେଇ ମହିଳାମାନେ ନିଜେ ଆତ୍ମସ୍‌ସୁରକ୍ଷା ଶିଖିବା ସହିତ ଆତ୍ମ ନିର୍ଭରଶୀଳ ହେବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଶିକ୍ଷିକା ଚିନ୍ମୟୀ ବିଶ୍ୱାଳ, ରୀତାଞ୍ଜଳି ପୃଷ୍ଟି, ସନ୍ତୋଷିନୀ ପଣ୍ଡା, ସୁନନ୍ଦା ସାହୁ, ସରସ୍ୱତୀ ପତି, ସସ୍ମିତା ସାହୁ, ଡ଼ଲି ବିଶ୍ୱାଳ, ଜ୍ୟୋସ୍ନାରାଣୀ ନନ୍ଦ, ଇନ୍ଦ୍ରାଣୀ ହାଲଦାର, ମୋନାଲିସା ଜେନା, ସୁନିତା ଦାସ, ସୂର୍ଯ୍ୟକାନ୍ତି ବିଶ୍ୱାଳ, ଶୁଭଶ୍ରୀ ମହାନ୍ତି ଓ ଭାଗ୍ୟଶ୍ରୀ ମହାପାତ୍ର ପ୍ରମୁଖଙ୍କୁ ମାନପତ୍ର, ଟ୍ରଫି, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି। ସତ୍ୟାନନ୍ଦ ମଲ୍ଲିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଶ୍ମିତା ବେହେରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।



ଆତ୍ମସୁରକ୍ଷା ପ୍ରଶିକ୍ଷିକାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## 'ସାହିତ୍ୟ ସମାଜକୁ ଦିଗ୍‌ଦର୍ଶନ ଦିଏ'

**ଯାଜପୁରରୋଡ,୧୦।୩(ନି.ପ୍ର.)**

ସ୍ଥାନୀୟ ବ୍ୟାସଦେବ ଟାଉନ ହଲରେ ରବିବାର ବ୍ୟାସ ସରୋବର ସାହିତ୍ୟ ବାଟିକାର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱଚ୍ଛ ସାହିତ୍ୟର ସାରସ୍ୱତ ବେଦୀ ସମ୍ପର୍କରେ ଏକ ଆଲୋଚନାଚକ୍ର ହୋଇଥିଲା। ଏଥିରେ ଅନୁଷ୍ଠାନର ସଭାପତି ଗୁଣନିଧି ଗୁରୁ ଅଧକ୍ଷତା କରିଥିଲେ। ଓଡ଼ିଶା ଏକାଡେମୀର ପ୍ରାକ୍ତନ ସଭାପତି ହୁସେନ ରବି ଗାନ୍ଧୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ପଣ୍ଡିତ ସୂର୍ଯ୍ୟମଣି ଖୁଣ୍ଟିଆ, ଯାଜପୁର ଜିଲା ଲେଖକ ସମ୍ମିଳନୀ ସଭାପତି ରୁଦ୍ରନାରାୟଣ ପୃଷ୍ଟି, ଓଡ଼ିଶା ସାହିତ୍ୟ ଏକାଡେମୀର ପୁରସ୍କାରପ୍ରାପ୍ତ ସାହିତ୍ୟିକ ତଥା ଗିତିକବି ନନ୍ଦକିଶୋର ସିଂ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ରମାକାନ୍ତ ଜେନା, ଓଡ଼ିଶା ସାହିତ୍ୟ ଏକାଡେମୀ ଯାଜପୁର ଜିଲା ସଦସ୍ୟା ସଂଯୁକ୍ତା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଆ ସାହିତ୍ୟକୁ କବିମାନେ ସମୃଦ୍ଧଶୀଳ କରି ପାଠକଙ୍କ ରୁଚି ଅନୁଯାୟୀ ଲେଖିବା ସହ ସମାଜର କୁସଂସ୍କାର, ଭ୍ରଷ୍ଟାଚାର, ଦୁର୍ନୀତି ବିରୋଧରେ ଲେଖନୀ ଚାଳନା କରିବା ପାଇଁ ଆହ୍ୱାନ ଦେଇଥିଲେ। ସାହିତ୍ୟ ସମାଜକୁ ଦିଗଦର୍ଶନ ଦେଇଥାଏ ବୋଲି କହିଥିଲେ। ଅନୁଷ୍ଠାନ ସଭାପତି କବି ଗୁଣନିଧି ଗୁରୁ ଓ ପୂର୍ଣ୍ଣିମା ଗୁରୁଙ୍କ ୫୦ତମ ବିବାହ ବାର୍ଷିକ ଅବସରରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯାଇଥିଲା। ପଣ୍ଡିତ ଯୁଗଳ କିଶୋର ମିଶ୍ର ଓ ନନ୍ଦ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାଇଧର ମାଝି ଓ ବିକାଶ ଦାସ ମଞ୍ଚ ପରିଚାଳନା କରିଥିଲେ। ସ୍ୱଚ୍ଛ ସାହିତ୍ୟର ସାରସ୍ୱତ ବେଦୀ ସମ୍ପର୍କରେ ବକ୍ତାମାନେ ସେମାନଙ୍କର ମତ ରଖିଥିଲେ। ବାଟିକାର ମୁଖପତ୍ର 'ଆମ କବିତା' ଉନ୍ମୋଚନ ହୋଇଥିଲା। ଭୂବନ ମୋହନ ମହାନ୍ତି ଧନ୍ୟବାଦ ଦେଇଥିଲେ। ଶେଷରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

## ଇଭିଏମ, ଭିଭିପାଟ ପରିଚାଳନା ତାଲିମ ଶିବିର

**ଧର୍ମଶାଳା,୧୦।୩(ଡି.ଏନ୍.ଏ.)**

ଧର୍ମଶାଳା ପଞ୍ଚାୟତ ସମିତି ସଭା ଗୃହରେ ରବିବାର ଇଭିଏମ୍ ଓ ଭିଭିପାଟ ପରିଚାଳନା ସମ୍ପର୍କରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବ୍ଲକର ସମସ୍ତ ଜିଲାପରିଷଦ ସଭ୍ୟାସଭ୍ୟ, ସମିତି ସଭ୍ୟାସଭ୍ୟ ଓ ସରପଞ୍ଚ ଉପସ୍ଥିତ ରହିଥିଲେ। ବିଡିଓ ହେମନ୍ତ କୁମାର ସ୍ୱାଇଁ, ଅତିରିକ୍ତ ବିଡିଓ ଉପେନ୍ଦ୍ର କୁମାର ଜେନା, ତହସିଲଦାର ସରୋଜ କୁମାର ପଣ୍ଡା ଓ ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ମହାନ୍ତି ଯୋଗଦେଇ ଉପସ୍ଥିତ ପଞ୍ଚାୟତସ୍ତରୀୟ ଜନପ୍ରତିନିଧିଙ୍କୁ ଇଭିଏମ ଓ ଭିବିପାଟ ପରିଚାଳନା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ ।



ସଚେତନତା ଶିବିରରେ ଉପସ୍ଥିତ ଅଧିକାରୀ।

## ତରବରିଆ ଭାବେ ଚାଲିଛି ମରାମତି କାମ

**ବରୀ ନିର୍ବାଚନମଣ୍ଡଳୀ**
- ଠିକାଦାର-ଯନ୍ତ୍ରୀଙ୍କ ସଲାସୁତରା
- କାଗଜ କଲମରେ କାମ କରି ବିଲ୍ ଉଠାଇ ନେବାକୁ ଉଦ୍ୟମ
- ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ

**ବରୀ,୧୦।୩(ସ୍ୱ.ପ୍ର.)**

ବରୀ ନିର୍ବାଚନମଣ୍ଡଳୀ ଅଧୀନରେ ଚାଲିଥିବା ବିଭିନ୍ନ ଉନ୍ନୟନ ଓ ମରାମତି କାର୍ଯ୍ୟ ତରବରିଆ ଭାବେ କରାଯାଉଛି। ୨୦୧୮-୧୯ ଆର୍ଥିକ ବର୍ଷର ଅବଧି ଶେଷ ହେବାକୁ ଯାଉଥିବାବେଳେ ଏଭଳି କାମର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଠିକାଦାର ଓ ଯନ୍ତ୍ରୀ ମିଳିମିଶି କେତେକ ପ୍ରକଳ୍ପ କାମକୁ କାଗଜ କଲମରେ ସମ୍ପୂର୍ଣ୍ଣ କରି ବିଲ୍ ଉଠାଇ ନେବାକୁ ଉଦ୍ୟମ ଜାରି ରଖିଥିବା ସୂଚନା ମିଳିଛି। ଏ ସବୁ ଉନ୍ନୟନ କାମ ତ୍ୱରାନ୍ୱିତ ହେଉଥିବା ନେଇ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ ହୋଇଛି। ଅପରପକ୍ଷରେ ରବିବାର ସାଧାରଣ ନିର୍ବାଚନ ପାଇଁ ନିର୍ବାଚନ କମିଶନର ଆଚରଣ ବିଧି ଘୋଷଣା କରିଥିବାବେଳେ ବରୀରେ ଏହି ଆଚରଣ ବିଧିକୁ ଉଲ୍ଲଂଘନ କରି ରବିବାର ସନ୍ଧ୍ୟା ପର୍ଯ୍ୟନ୍ତ କାମ ଚାଲିଥିବା ସାଧାରଣରେ କୁହାଯାଇଛି।

ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, କ୍ଷୁଦ୍ର ଜଳସେଚନ, ଜଳସେଚନ, ଡ୍ରେନେଜ, ଜଳ ବିଭାଜିକା, ଏପରିକି ପଞ୍ଚାୟତିରାଜ ବିଭାଗ ଅଧୀନରେ ଚାଲିଥିବା କୋଟି କୋଟି ଟଙ୍କାର କାମକୁ ଚଳୁ କରିଦେବା ପାଇଁ ଯୋଜନା କରାଯାଉଛି। ଭାପୁର ପାଟନାଳରେ ଡ୍ରେନେଜ ବିଭାଗ ପକ୍ଷରୁ ୨ ପୋଲ ନିର୍ମାଣ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଗୋଲକୁଣ୍ଡ-ଇନ୍ଦୁପୁର ରାସ୍ତା ମରାମତି, ପୂର୍ତ୍ତ ବିଭାଗର ମାଳଦା ଡଅଁର କୂଳ ରାସ୍ତା ନିର୍ମାଣ, ଜଳସେଚନ ଘେରି ବନ୍ଧ, ରତଳାଙ୍ଗ ନଦୀବନ୍ଧ, ଜଳବିଭାଜିକାରେ ଜଳ ପ୍ରକଳ୍ପ ନିର୍ମାଣ, ବରୁହାଁ-ବ୍ରହ୍ମବରଦା ରାସ୍ତା ମରାମତି, ବନ୍ଧଡିଅ-ବ୍ରହ୍ମବରଦା ରାସ୍ତା, ବରୀ-ବରୁହାଁ ରାସ୍ତା ମରାମତି ଚାଲିଥିଲାବେଳେ ମାର୍ଚ୍ଚ ମାସକୁ ଦୃଷ୍ଟିରେ ରଖି ତରବରିଆଭାବେ ଏ ସବୁ କାମ ଚାଲିଛି। ସକାଳେ ପିଚୁ କରାଗଲେ ସନ୍ଧ୍ୟାରେ ପିଚୁ ଉଠିଯାଉଛି। କେତେକ ନଦୀବନ୍ଧ ମରାମତି ଓ ପଥର ପ୍ୟାକିଂ କାମ ତ୍ୱରାନ୍ୱିତ କରାଯାଇଛି। କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଜରିଆରେ ଚାଲିଥିବା ଜଳ ପ୍ରକଳ୍ପ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲାବେଳେ ଖୁବ୍‌ଶୀଘ୍ର କାମ ସାରିଦେବା ପାଇଁ ଯୋଜନା ରହିଥିବା ଅଭିଯୋଗ ହୋଇଛି। ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅଧୀନରେ ସର୍ବାଧିକ ମରାମତି କାମ କରାଯାଉଥିଲା ବେଳେ ବିଭାଗୀୟ ଯନ୍ତ୍ରୀ ତଦାରଖରେ ଆସୁ ନ ଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ପଚାରିବାରୁ, ଅଭିଯୋଗ ମିଳିଛି। ଏ ସବୁ ପ୍ରକଳ୍ପ କାମ ଉପରେ ତଦନ୍ତ କରାଯିବ ବୋଲି ସୂଚନା ଦେଇଛନ୍ତି।



ଶତ୍ରୁକୁ ମିତ୍ରରେ ପରିଣତ କରିବା ହେଉଛି ଅହିଂସାର ଏକ ଯାଦୁକରୀ ଶକ୍ତି
- ମହାତ୍ମା ଗାନ୍ଧୀ








## ସଂକ୍ଷେପରେ

### ନିଶା ନିବାରଣ ସମ୍ବନ୍ଧୀୟ ଆଲୋଚନାଚକ୍ର



**ନୟାଗଡ଼ ଅଫିସ,୧୦।୩:** ନୟାଗଡ଼ ବ୍ଲକ ଇଟାମାଟି କଲ୍ୟାଣମଣ୍ଡପଠାରେ ରବିବାର ଆଞ୍ଚଳିକ ଉନ୍ନୟନ କମିଟି ପକ୍ଷରୁ ମହିଳା ସ୍ୱାବଲମ୍ବୀ ଓ ନିଶା ନିବାରଣ ସମ୍ବନ୍ଧୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠିକା ଅମିତା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିଃସ୍ୱାର୍ଥ ଅନୁଷ୍ଠାନର ସମ୍ପାଦକ ଅରୁଣ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କ ସାଙ୍ଗଠନିକ ଦକ୍ଷତା ଉପରେ ଆଲୋଚନା କରିଥିଲେ। ଏହାସହ ଉନ୍ନୟନ କମିଟି ଇଟାମାଟିରେ ନିଶାମୁକ୍ତି, ପଲିଥିନ ବର୍ଜନ ଓ ଶୌଚାଳୟ ବ୍ୟବହାର ସମ୍ପର୍କରେ ଲୋକମାନଙ୍କୁ ଯେପରି ସଚେତନ କରୁଛି ତାହାକୁ ସାଧୁବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୈତ୍ରୀର ସମ୍ପାଦକ ପ୍ରଦୀପ କୁମାର ସାହୁ, ଆଜାଦ୍ ହିନ୍ଦୁ ଯୁବସଂସଦ ସମ୍ପାଦକ ପ୍ରଫୁଲ୍ଲ କୁମାର ବେହେରା, ଅଙ୍ଗନୱାଡ଼ି ସଂଘର ଜିଲା ସଭାନେତ୍ରୀ ଜ୍ୟୋସ୍ନାମୟୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କର୍ମକର୍ତ୍ତାମାନେ କହିଥିଲେ, ମହିଳାମାନେ ସେମାନଙ୍କ ଇଚ୍ଛାଶକ୍ତିକୁ ସ୍ୱାବଲମ୍ବୀ ହେବା ଦିଗରେ ବିନିଯୋଗ କରାଇପାରିଲେ ସେମାନଙ୍କ ପରିବାରର ସମସ୍ୟା ସମାଧାନ ହୋଇପାରିବ। ସେହିଭଳି ନିଶାମୁକ୍ତ ସମାଜ ପାଇଁ ସଚେତନ କରାଇବା ସହ ଏହାକୁ ଦୃଢ଼ହସ୍ତରେ ଦମନ କରାଯିବା ଆବଶ୍ୟକ ବୋଲି କହିଥିଲେ। ସଙ୍ଗଠନର କର୍ମୀ ମାଟିଆଣି ସାହୁ ଧନ୍ୟବାଦ ଦେଇଥିଲେ।

### ଭାଜପାର ବିଜୟ ସଂକଳ୍ପ ସମାବେଶ

**ଓଡଗାଁ, ୧୦।୩ (ସ୍ୱ.ପ୍ର.):** ସ୍ଥାନୀୟ ହେମମାଳୀ ମନ୍ଦିର ପ୍ରାଙ୍ଗଣରେ ରବିବାର ଭାଜପା ଜିଲା ଉପସଭାପତି ଅଚ୍ୟୁତ ପଣ୍ଡାଙ୍କ ଅଧକ୍ଷତାରେ ବିଜୟ ସଙ୍କଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ବହୁ ସମର୍ଥକ ଯୋଗଦେଇ ନରେନ୍ଦ୍ର ମୋଦିଙ୍କୁ ପୁନଃ ପ୍ରଧାନମନ୍ତ୍ରୀ କରିବାକୁ ସଙ୍କଳ୍ପ ନେଇଥିଲେ। ନୟାଗଡ ବିଧାନସଭା ଆସନ ପାଇଁ ନୟାଗଡର କୌଣସି ନେତାଙ୍କୁ ଆଗ୍ରାଧିକାର ଭିତ୍ତିରେ ପ୍ରାର୍ଥୀ କରିବାକୁ ସମାବେଶରେ ମତପ୍ରକାଶ ପାଇଥିଲା। ନାରାୟଣ ବେହେରା, ସନ୍ତୋଷ କୁମାର ପ୍ରଧାନ, ସ୍ନେହରଞ୍ଜନ ଜୟସିଂ, ଭଗବାନ ପ୍ରଧାନ, ଜଗନ୍ନାଥ ପାଣିଗ୍ରାହୀ, ଚନ୍ଦନ କୁମାର ପାତ୍ରଙ୍କ ସମେତ ଶତାଧିକ ସଦସ୍ୟ ଓ ବୁଦ୍ଧିଜୀବୀ ଏଥିରେ ଅଂଶଗ୍ରହଣ କରିଥିଲେ। ଅନ୍ୟପକ୍ଷେ ବିଗତ ଦିନରେ ଦଳୀୟ କାର୍ଯ୍ୟକ୍ରମରେ ବିଶୃଙ୍ଖଳା ସୃଷ୍ଟି କରିଥିବା କେତେକ ନିଲମ୍ବିତ କାର୍ଯ୍ୟକର୍ତ୍ତାଙ୍କ ଏହି ବୈଠକରେ ଅଂଶଗ୍ରହଣ କରିବାକୁ ନେଇ ଜିଲା ସ୍ତରରେ ଭାଜପାରେ ଏକ ରକମ ଦଳୀୟ ମତଭେଦ ରହିଥିବା ସ୍ପଷ୍ଟ ଅନୁମାନ କରାଯାଇଥିଲା।

# ନିର୍ମାଣ ହେବ ବୃହତ୍ ପାନୀୟ ଜଳ ପ୍ରକଳ୍ପ

**ନୟାଗଡ଼ ଅଫିସ,୧୦।୩**

- ଭିଡିଓ କନଫରେନ୍ସିଂରେ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ
- ଉପକୃତ ହେବେ ୪ ବ୍ଲକର ୭୯ ପଞ୍ଚାୟତ ଲୋକ
- ୫୬୭ କୋଟି ଟଙ୍କାର ପ୍ରକଳ୍ପ କାମ ୩ ବର୍ଷରେ ଶେଷ ହେବ

ନୟାଗଡ଼ ଜିଲାର ଲୋକମାନେ ଆଉ ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହେବେ ନାହିଁ। ପ୍ରତି ଘରେ ପାଇପ୍ ଯୋଗେ ପାଣି ପହଞ୍ଚିବ। ଏଥିପାଇଁ ୫୬୭ କୋଟି ଟଙ୍କା ବ୍ୟୟରେ କଣ୍ଟିଲୋଠାରେ ନିର୍ମାଣ ହେବ ବୃହତ୍ ଜଳଯୋଗାଣ ପ୍ରକଳ୍ପ। ରବିବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟରୁ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଡା.ଏନ୍ ତିରୁମାଲା ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକ, ରଣପୁର ବିଧାୟକ ରବିନାରାୟଣ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ନୟାଗଡ଼ ବିଧାୟକ ସାହୁ ନିଜ ବକ୍ତବ୍ୟରେ




ଜିଲାପାଳ ନିଜର ଅଭିଭାଷଣ ରଖୁଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଏହା ନୟାଗଡ଼ ଜିଲାବାସୀଙ୍କ ବୃହତ୍ ଦାନ ବୋଲି ପ୍ରକାଶ କରିଥିଲେ। ସେହିପରି ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକ ଏହି ପ୍ରକଳ୍ପ ଦ୍ୱାରା ଜିଲାବାସୀ ପାନୀୟଜଳ ସମସ୍ୟାରୁ ମୁକ୍ତି ପାଇବେ ବୋଲି କହିଥିଲେ। ଅନ୍ୟପକ୍ଷରେ ଏହି ପ୍ରକଳ୍ପ ଦ୍ୱାରା ୪ ବ୍ଲକର ଲୋକେ ଉପକୃତ ହେବେ ବୋଲି ରଣପୁର ବିଧାୟକ ମହାପାତ୍ର ମତ ଦେଇଥିଲେ।

ପ୍ରକାଶ ଯେ, ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଜିଲାର ନୟାଗଡ଼, ଖଣ୍ଡପଡ଼ା, ଭାପୁର ଓ ନୂଆଗାଁ ବ୍ଲକ ଅନ୍ତର୍ଗତ ୭୯ ପଞ୍ଚାୟତର ପାଖାପାଖି ୩ ଲକ୍ଷ ୭୭ ହଜାର ଲୋକ ଉପକୃତ ହେବେ। ପ୍ରକଳ୍ପ ପାଇଁ ୫୬୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୪୮୯ କୋଟି ଟଙ୍କାର ଟେଣ୍ଡର ବାହାରିଛି। ୩ବର୍ଷରେ କାମ ଶେଷ କରାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ନୟାଗଡ଼ ବ୍ଲକର ୨୯ ପଞ୍ଚାୟତ, ଖଣ୍ଡପଡ଼ା ବ୍ଲକର ୨୨, ଭାପୁର ବ୍ଲକର ୨୦ ଓ ନୂଆଗାଁ ବ୍ଲକର ୮ ପଞ୍ଚାୟତକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବ। ୭୯ ପଞ୍ଚାୟତର ସମସ୍ତ ଗ୍ରାମରେ ମୋଟ ୧୬୬୬ କିଲୋମିଟର ପାଇପ୍ ବିଛାଯିବ। ପ୍ରତି ପଞ୍ଚାୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ୧ ଲକ୍ଷ ଲିଟରରୁ ୧୫ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଓଭରହେଡ୍ ଟାଙ୍କି କରାଯିବ ବୋଲି ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଜଳ ଯୋଗାଣ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ରାଜୀବ କୁମାର ପାଣିଗ୍ରାହୀ, ୩ ବ୍ଲକର ଅଧକ୍ଷ, ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

■ ମୃତଦେହ ରଖି ପରିବାର ଲୋକଙ୍କ ଧାରଣା ଘଟଣା

# ରାତି ୧୨ଟାରେ ଧାରଣା ପ୍ରତ୍ୟାହୃତ

**ନୟାଗଡ଼ ଅଫିସ,୧୦।୩**

ନୟାଗଡ଼ ସଦର ଥାନା ଅନ୍ତର୍ଗତ ବାରବାଟୀ ଗ୍ରାମର ଜଣେ ଯୁବକ ଭୋଜି ଖାଇ ଯିବାବେଳେ ବାଟରେ ମୃତ୍ୟୁ ଘଟିଥିଲା। ଅନ୍ୟ ଜଣେ ଯୁବକ ତାଙ୍କୁ ହତ୍ୟା କରିଥିବା ଅଭିଯୋଗ କରି ପରିବାର ଓ ସମ୍ପର୍କୀୟ ଶନିବାର ତାଙ୍କ ଘର ଆଗରେ ମୃତଦେହ ରଖି ଧାରଣା ଦେଇଥିଲେ। ଶନିବାର ବିଳମ୍ବିତ ରାତିରେ ମୃତଦେହ ଉଠିଥିବା ସଦର ପୋଲିସ ସୂଚନା ଦେଇଛି। ଶୁକ୍ରବାର ନୟାଗଡ଼ ବ୍ଲକ ଲକ୍ଷ୍ମୀପ୍ରସାଦ ସରପଞ୍ଚ ସୌମ୍ୟ ରଞ୍ଜନ ପ୍ରଧାନଙ୍କ ବାହାଘର ଭୁବନେଶ୍ୱରରେ ହୋଇଥିଲା। ବରଯାତ୍ରୀ ଭାବେ ବାରବାଟୀ ଓ ଅନ୍ୟ ଗ୍ରାମର ଲୋକମାନେ ଯାଇଥିଲେ। ଲୋକମାନେ ବସ୍‌ରେ ଯାଇଥିବାବେଳେ ବାରବାଟୀ ଗ୍ରାମର ସୁନୀଲ ନାୟକ ଓ ଋଷି ପ୍ରଧାନ ଏକ ବାଇକ୍‌ରେ ଯାଇଥିଲେ। ରାତ୍ର ୧୧ଟା ସମୟରେ ଖଣ୍ଡଗିରି ଛକଠାରେ ଦୁର୍ଘଟଣା ଘଟି ଘଟଣାସ୍ଥଳରେ ସୁନୀଲଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ଖଣ୍ଡଗିରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ବ୍ୟବଚ୍ଛେଦ ପରେ ମୃତଦେହ ପଠାଯାଇଥିଲା। ଶନିବାର ଅପରାହ୍ନରେ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ସୁନିଲଙ୍କ ପରିବାର ଲୋକେ ଋଷି ତାଙ୍କୁ ହତ୍ୟା କରିଥିବା ଅଭିଯୋଗ କରି ତାଙ୍କ ଘର ଆଗରେ ଧାରଣାରେ ବସିଥିଲେ। ଅନ୍ୟପଟେ ଋଷି ମଧ୍ୟ ଆହତ ହୋଇ ମେଡ଼ିକାଲ୍‌ରେ ଚିକିତ୍ସିତ ହେଉଥିବା ତାଙ୍କ ବାପା ପୀତବାସ ଗ୍ରାମବାସୀଙ୍କ ଆଗରେ କହିଥିଲେ। ହେଲେ ଏହାକୁ ସୁନୀଲଙ୍କ ପରିବାର ଓ ଗ୍ରାମବାସୀ ନ ମାନି ତମ ପୁଅ ଆସିଲେ ମୃତଦେହ ଉଠିବ ବୋଲି ଜିଦ୍‌ରେ ଅଟଳ ଥିଲେ। ଖବର ପାଇ ସଦର ପୋଲିସ, ନୟାଗଡ଼ ଏସ୍‌ଡ଼ିପିଓ ନିରଞ୍ଜନ ପାଢ଼ୀ ଓ ନୟାଗଡ଼ ଟାଉନ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାତ୍ର ୧୨ଟାରେ ମୃତଦେହ ଉଠିଥିଲା। ଗ୍ରାମବାସୀ ଋଷିଙ୍କ ପରିବାରକୁ ଜରିମାନା ପକାଇଥିବା ଜଣାପଡ଼ିଛି। ସରପଞ୍ଚ ସୌମ୍ୟରଞ୍ଜନ କହନ୍ତି, ଉଭୟ ଯୁବକ ତାଙ୍କ ବାହାଘର ଭୋଜିକୁ ଯାଇ ନ ଥିଲେ। ତାଙ୍କ ବାହାଘର ତମାଣ୍ଡୋରେ ହୋଇଥିବା ବେଳେ ଦୁର୍ଘଟଣା ଖଣ୍ଡଗିରି ଛକରେ ଘଟିଥିଲା।

# ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ନୂଆଗାଁ,୧୦।୩ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ଥାନା ଖାଲମଡା ପତରସାହି ଗ୍ରାମରେ ରବିବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ଜିନା ସାହୁ (୨୪) । ପ୍ରାଥମିକ ତଦନ୍ତରୁ ପୋଲିସ ଏହାକୁ ଆତ୍ମହତ୍ୟା କହୁଥିବା ବେଳେ ମହିଳାଙ୍କ ବାପା ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରିବା ସହ ୨୩/୧୯ରେ ମାମଲା ରୁଜୁ କରିଛି।

ପ୍ରକାଶ ଯେ, ଦଶପଲ୍ଲା ଥାନା ଭୋଗବାଡି ଗ୍ରାମର ସୁରେନ୍ଦ୍ର ସାହୁଙ୍କ ଝିଅ ଜିନାଙ୍କୁ ନୂଆଗାଁ ଥାନା ଖାଲମଡା ପତରସାହିର ବସ୍ତ ସାହୁଙ୍କ ପୁଅ ପଦ୍ମଲୋଚନ ଦେଢ଼ବର୍ଷ ପୂର୍ବେ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷର ଦାବି ମୁତାବକ ସମସ୍ତ ଜାନିଯୌତୁକ ଦିଆଯାଇଥିଲା। ପଦ୍ମଲୋଚନ ଜମ୍ମୁରେ ଏକ ହୋଟେଲରେ କାମ କରୁଥିବାରୁ ବିବାହର ଅଳ୍ପଦିନ ପରେ ସ୍ତ୍ରୀ ଜିନାଙ୍କୁ ନିଜ ପାଖକୁ ନେଇଯାଇଥିଲେ। ସେଠାରେ ରହୁଥିବା ସମୟରେ ଜିନା ତିନିମହଲା କୋଠାରୁ ଖସିପଡି ସମ୍ପୂର୍ଣ୍ଣ ଅକର୍ମଣ୍ୟ ହୋଇଯାଇଥିଲେ। ସେ ସମୟରେ ଜିନାଙ୍କୁ ଛାତରୁ ଠେଲିଦିଆଯାଇଥିବା



ଗ୍ରାମରେ ପୋଲିସ ପହଞ୍ଚି ତଦନ୍ତ କରୁଛି।

ନେଇ ବାପଘର ଲୋକେ ଅଭିଯୋଗ କରିଥିଲେ। ଏହାକୁ ନେଇ ଦୁଇ ପରିବାର ମଧ୍ୟରେ ମନୋମାଳିନ୍ୟ ହୋଇଥିଲା। ଏପରିସ୍ଥଳେ ଜିନା ଏକପ୍ରକାର ସୁସ୍ଥ ହେବା ପରେ ଦୁଇମାସ ତଳେ ଖାଲମଡାରେ ଯାତ୍ରା ହେଉଥିବାରୁ ପଦ୍ମଲୋଚନ ସ୍ତ୍ରୀକୁ ଆଣି ଆସିଥିଲେ। ଯାତ୍ରା ସରିବା ପରେ ସେ ସ୍ତ୍ରୀଙ୍କୁ ଛାଡି ନିଜ କର୍ମକ୍ଷେତ୍ର ଜମ୍ମୁ ପଳାଇ ଯାଇଥିଲେ। ଜିନା ନିଜ ଦିଅର ବବୁଲ ଓ ଶାଶୁଙ୍କ ସହ ରହୁଥିଲେ। ସୁରେନ୍ଦ୍ରଙ୍କ କହିବା କଥା ଝିଅ ଅକର୍ମଣ୍ୟ ହୋଇ ଖାଲମଡା ଆସିବା ପରେ ମଧ୍ୟ ତା' ସହ ଦେଖା କରିବାକୁ ଦିଆଯାଉ ନ ଥିଲା। ଦୁଇଥର ଆସି ସେ ଝିଅକୁ ଦେଖି ନ ପାରି ଫେରିଥିବା କହିଛନ୍ତି। ରବିବାର ସକାଳ ୧୦ଟା ସମୟରେ ଶାଶୁ ଗାଧୋଇ ଆସି ଘରକୁ ଯିବା ସମୟରେ ଜିନା ଫ୍ୟାନରେ ଶାଢି ଦ୍ୱାରା ଝୁଲି ରହିଥିବା ଦେଖିଥିଲେ। ପରେ ସେ ଏ ବିଷୟରେ ପୋଲିସକୁ ଜଣାଇଥିଲେ। ଖବର ପାଇ ଜିନାଙ୍କ ପରିବାର ଲୋକେ ଖାଲମଡାରେ ପହଞ୍ଚିଥିଲେ। ଅଭିଯୋଗ ପାଇ ପୋଲିସ ମୃତା ମହିଳାଙ୍କ ଶାଶୁଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି ।

### ଦୁର୍ଘଟଣାରେ କବି କିଶୋର ପଟ୍ଟନାୟକଙ୍କ ମୃତ୍ୟୁ

**ଫୁଲବାଣୀ ଅଫିସ/ଦଶପଲ୍ଲା (ଡି.ଏନ୍.ଏ),୧୦।୩**

କନ୍ଧମାଳ ଜିଲାର ଜଣାଶୁଣା କବି ଓ ଲେଖକ କିଶୋର ପଟ୍ଟନାୟକଙ୍କ ରବିବାର ନୟାଗଡ଼ ଜିଲା ଦଶପଲ୍ଲାଠାରେ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। କିଶୋର କୌଣସି ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଶନିବାର ଭୁବନେଶ୍ୱର ଯାଇଥିଲେ । ରବିବାର ଅପରାହ୍ନରେ ନୟାଗଡ଼ର ଜଣେ ସମ୍ପର୍କୀୟ ତ୍ରିନାଥ ପଟ୍ଟନାୟଙ୍କ ସହ ଏକ ସ୍କୁଟିରେ ଫୁଲବାଣୀ ଫେରୁଥିଲେ । ଦଶପଲ୍ଲା ନିକଟ ଜାମୁସାହିରେ ରାତିରେ ହଠାତ୍ ବାଇକ୍ ଆଗକୁ ଏକ ଗାଈ ଆସି ଯାଇଥିଲା । ଗାଈ ସହ ଧକ୍କା ନ ହେବା ପାଇଁ ତ୍ରିନାଥ ଚେଷ୍ଟା କରୁଥିବା ବେଳେ ପଛରୁ କୌଣସି ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା । ଫଳରେ କିଶୋର ଓ ତ୍ରିନାଥ ଗୁରୁତର ଆହତ ହୋଇଥିଲେ । ଉଭୟଙ୍କୁ ସ୍ଥାନୀୟ ଲେକେ ଉଦ୍ଧାର କରି ତୁରନ୍ତ ଆମ୍ବୁଲାନରେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ସେମାନଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। କିଶୋରଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ପଠାଯାଉଥିବା ବେଳେ ବାଟରେ ମୃତ୍ୟୁ ଘଟିଥିଲା। ଶିକ୍ଷକତା କରୁଥିବା କିଶୋର କନ୍ଧମାଳ ଜିଲାର ଜଣେ ଜଣାଶୁଣା ସାହିତ୍ୟ ପ୍ରତିଭା । ଜଣେ ଶିଶୁ କବି ଭାବେ ରାଜ୍ୟରେ ତାଙ୍କର ଖ୍ୟାତି ରହିଥିଲା। ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ମଧ୍ୟ ଥିଲେ । ତାଙ୍କ ବିୟୋଗରେ କନ୍ଧମାଳ ଜିଲାର ସାହିତ୍ୟ ମହଲରେ ଶୋକର ଛାୟା ଖେଳିଯାଇଛି ।

# ଲଡୁକେଶ ବରିଷ୍ଠ ନାଗରିକ ସଂଘ ବାର୍ଷିକ ସମ୍ମିଳନୀ

**ନୟାଗଡ଼ ଅଫିସ,୧୦।୩**

ନୟାଗଡ଼ ଜିଲା ଶରଣକୁଳର ଶ୍ରୀ ଶ୍ରୀ ଲଡୁକେଶ ମହେଶ ବରିଷ୍ଠ ନାଗରିକ ସଂଘର ତୃତୀୟ ବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସୁବାସ ଚନ୍ଦ୍ର ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ବରିଷ୍ଠ ନାଗରିକ ସଂଘ ସଭାପତି ଭଗବତୀ ଚରଣ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ସଭାପତି ବିଶ୍ୱନାଥ ନାୟକ, ଆଇନଜୀବୀ ପ୍ରଶାନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ବରିଷ୍ଠ ନାଗରିକମାନଙ୍କ ସମାଜ ପାଇଁ କର୍ତ୍ତବ୍ୟ, ସମାଜରେ ଅଧିକାର ଓ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଶରଣକୁଳ ଅଞ୍ଚଳକୁ ଗୌରବମୟ କରିଥିବା ଶିକ୍ଷାବିତ୍ ଗଙ୍ଗାଧର ଦାଶ, ଭଗବାନ ମିଶ୍ର, କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ, ସାମାଜିକ କର୍ମୀ ମାଟିଆ କୁମାର ସାହୁ ଓ ଲୋକନାଥ ଦାଶଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ କିଶୋର ଚନ୍ଦ୍ର କର ବାର୍ଷିକ ବିବରଣୀ ପାଠ କରିଥିବାବେଳେ କୋଷାଧକ୍ଷ କୈଳାସ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ରବୀନ୍ଦ୍ର କୁମାର ଚୌଧୁରୀ, ଶିବରାମ ମହାପାତ୍ର, ସୁରେନ୍ଦ୍ର ବେହେରା, ଗୋଲକ ବିହାରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଜଣେ ବରିଷ୍ଠ ନାଗରିକଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

# ୨କୋଟି ୫୮ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବ ସେତୁ

**ଦଶପଲ୍ଲା,୧୦।୩(ଡି.ଏନ୍.ଏ.)**

ଦଶପଲ୍ଲା ବ୍ଲକର ସାତପାଟଣା ଓ ଖମାରସାହି ପଞ୍ଚାୟତ ସହ ସଂଯୋଗ ପାଇଁ ସ୍ଥାନୀୟ ମଇଁଷିଆ ନାଳ ଉପରେ ୨କୋଟି ୫୮ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବ ସେତୁ। ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଦ୍ୱାରା ରବିବାର ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଉତ୍ସବରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଭଗବାନ ସାହୁ, କନିଷ୍ଠ ଯନ୍ତ୍ରୀ ଶ୍ରୀ ସହିତସୁନ୍ଦରା, ଏନ୍‌ଏସି ଅଧକ୍ଷା ବବିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସେତୁ ନିର୍ମାଣ ହେଲେ ଖମାରସାହି ପଞ୍ଚାୟତ ସହିତ ଦଶପଲ୍ଲାକୁ ଯୋଗାଯୋଗ ସୁବିଧା ହୋଇପାରିବ। ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଉପକୃତ ହେବେ। ସେହିପରି ସ୍ଥାନୀୟ ଡିହଗାଁ ପଞ୍ଚାୟତର ଦ୍ୱାରଗାଁଠାରେ ପ୍ରତିଷ୍ଠା ହେବାକୁ ଥିବା ଆଦର୍ଶ ବିଦ୍ୟାଳୟର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ ବିଧାୟକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ୩କୋଟି ୬୫ଲକ୍ଷ ୮୬ ହଜାର ୫୮୯ଟଙ୍କା ବ୍ୟୟରେ ଏହି ଆଦର୍ଶ ବିଦ୍ୟାଳୟ ନିର୍ମାଣ ହେବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକାଶ ପାଇଥିବା କନିଷ୍ଠଯନ୍ତ୍ରୀ ଶ୍ରୀ ସହିତସୁନ୍ଦରା ପ୍ରକାଶ କରିଛନ୍ତି।

# ୩ ବର୍ଷ ବିତିଲା, ମନ୍ଦିର କାର୍ଯ୍ୟାଳୟ ଅଧାପନ୍ତରିଆ

**ଖଣ୍ଡପଡ଼ା,୧୦।୩(ସ୍ୱ.ପ୍ର.)**

ନୀଳମାଧବ ଜୀଉଙ୍କ ମନ୍ଦିର କାର୍ଯ୍ୟାଳୟ ପାଇଁ ଅର୍ଥ ମଞ୍ଜୁର ହୋଇ ଦୀର୍ଘ ୩ ବର୍ଷ ବିତିଯାଇଥିଲେ ମଧ କାର୍ଯ୍ୟ ଅଧପନ୍ତରିଆ ଅବସ୍ଥାରେ ରହିଥିବାରୁ ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ଏହାର ନିର୍ମାଣ ନିମନ୍ତେ ସମୁଦାୟ ୪୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ୨୦୧୫ ମସିହା ପ୍ରଥମ ପର୍ଯ୍ୟାୟରେ ୭ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ପରେ ଅଧିକ ଅର୍ଥ ମଞ୍ଜୁର ହୋଇଥିଲେ ମଧ




ଅସମ୍ପୂର୍ଣ୍ଣ ଅବସ୍ଥାରେ ମନ୍ଦିର କାର୍ଯ୍ୟାଳୟ।

ଅଦ୍ୟାବଧି କାର୍ଯ୍ୟ ଶେଷ ହୋଇ ନ ଥିବା ଜଣାପଡ଼ିଛି। ୨୦୧୫ ମସିହା ନଭେମ୍ବର ୧୧ରେ ଉକ୍ତ କାର୍ଯ୍ୟାଳୟ ନିର୍ମାଣ ପାଇଁ ନୀଳମାଧବ ମନ୍ଦିର ପରାମର୍ଶ ଦାତା କମିଟିର ନିଷ୍ପତ୍ତି ହୋଇଥିଲା। ଭୁବନେଶ୍ୱରସ୍ଥିତ ଏକ ବେସରକାରୀ ସଂସ୍ଥା 'ଇନଟାକ୍‌କୁ' କାର୍ଯ୍ୟ ସମ୍ପାଦନ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଉକ୍ତ ସଂସ୍ଥା ଦ୍ୱାରା ୨୦୧୬ରେ କାର୍ଯ୍ୟ ଆରମ୍ଭ ହୋଇ ୨୦୧୮ ମସିହା ପ୍ରାରମ୍ଭରେ ପ୍ରଥମ ମହଲା କାର୍ଯ୍ୟ ଶେଷ ହୋଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଦ୍ୱିତୀୟ ମହଲା କାର୍ଯ୍ୟ ୨୦୧୮ ଅକ୍ଟୋବର ଦୁର୍ଗାପୂଜା ପୂର୍ବରୁ ଶେଷ କରିବାକୁ ପରାମର୍ଶଦାତା କମିଟି ବୈଠକରେ ଉପସ୍ଥିତ ଜଣେ ଇନଟାକ୍ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ । ଇତି ମଧ୍ୟରେ ୫ମାସ ବିତି ଯାଇଥିଲେ ମଧ କଚ୍ଛପ ଗତିରେ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ଏହାର ସମ୍ପୂର୍ଣ୍ଣ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ମଧ ଅଭିଯୋଗ ହେଉଛି। ଇତି ମଧ୍ୟରେ ଖଣ୍ଡପଡ଼ା ଦେବୋତ୍ତର ବିଭାଗ ଇନଟାକ୍‌କୁ ୩୫ ଲକ୍ଷ ଟଙ୍କା ପ୍ରଦାନ କରିଥିବାବେଳେ କେଉଁ କାରଣରୁ ଅବଶିଷ୍ଟ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇପାରୁନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

